ସକାଳ THE SAKALA



www. sakalaepaper.com

# ରାମଲାଲାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଶୁଭଦେଲେ ବିଧାୟକ



କବିସୂର୍ଯ୍ୟନଗର,୪।୭(ସମିସ): କବିସୂର୍ଯ୍ୟନଗର କାଳିଆଲୁଣ୍ଡା ପାହାଡ଼ ପାଦଦେଶରେ ଅର୍ଥାତ ହନୁମାନ ମନ୍ଦିର ପାଦଦେଶରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଶୁଭଦେଲେ କବିସୂର୍ଯ୍ୟନଗରର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ। ଶୁକ୍ରବାର ଅପରାହ୍ନରେ ବିଧାୟକ ନିଜ ଶୁଭେଚ୍ଛୁଙ୍କ ସହ ସ୍ଥାନୀୟ କାଳିଆଲୁଣ୍ଡା ପାହାଡ଼ ନିକଟରେ ପହଞ୍ଚିଥିଲେ। ପୂଜାରୀ ଶରତ ଶତପଥୀଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ସମାପନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଏସି ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ସାମାଜିକ କର୍ମୀ ରାମପ୍ରସାଦ ମହାରଣା, ମୋହନ ସ୍ୱାଇଁ, ଶେଷଦେବ ବେହେରା, ଶଙ୍କର ପାତ୍ର, ଗୁରୁନାଥ ଗୌଡ଼, ସନ୍ତୋଷ ସାମଲ, ଡ୍ରାଇଭର ଖୁଣ୍ଟିଆ ଓ ଶ୍ରୀକାନ୍ତ ମହାପାତ୍ର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଛୁରାମାଡ଼



ଆସିକା,୪।୭(ସମିସ): ଗଞ୍ଜାମ ଜିଲ୍ଲା ଆସିକା ଥାନା ବସଷ୍ଟାଣ୍ଡ ନିକଟରେ ଥିବା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଶୁକ୍ରବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଛୁରା ମାଡ଼ ହୋଇଛି। ଏଥିରେ ବାବନପୁର ହିମାଂଶୁ ଶେଖର ଦାସ(୩୬) ଗୁରୁତର ହୋଇଛନ୍ତି। ତାଙ୍କ ପେଟ ଓ ହାତକୁ ହୋଇଛି ଛୁରା ମାଡ଼। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆସିକା ମେଡିକାଲ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଛୁରାମାଡ଼ର କାରଣ ଅସ୍ପଷ୍ଟ ରହିଛି। ପୁଲିସ ପହଁଚି ତଦନ୍ତ ଜାରି ରଖିଛି।

## କୁରୁଳାଇ ଗୋପାଳ ସ୍ୱାଇଁ ହତ୍ୟାକାଣ୍ଡ

# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ଭଞ୍ଜନଗର,୩।୭(ସମିସ)

ବେଲଗୁଣ୍ଠା ଥାନା କୁରୁଳାଇ ଗ୍ରାମରେ ୨୦୧୪ ମସିହାରେ ଘଟିଥିବା ଗୋପାଳ ସ୍ୱାଇଁ (୪୫) ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ରବୀନ୍ଦ୍ର ଦଳବେହେରାଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ଏକବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେହିପର ଅନ୍ୟତମ ଅଭିଯୁକ୍ତ ଶରତ ସ୍ୱାଇଁ ନିର୍ଦ୍ଦୋଷରେ ଖଲାସ ହୋଇଥିବାବେଳେ ଆଉଜଣେ ଅଭିଯୁକ୍ତ ଦେବାଶିଷ ସେଠୀ ଏବେବି ଫେରାର ରହିଛି।

ସରକାରୀ ଓକିଲ ଉଷାକାନ୍ତ ପଟ୍ଟନାୟକଙ୍କ ସୂଚନା ପ୍ରକାରେ, ୨୦୧୪ ଜୁଲାଇ ୧୫ରେ ଗୋପାଳ ଘର ବାରଣ୍ଡାରେ ବସିଥିବାବେଳେ ସେହି ଗ୍ରାମର ରବୀନ୍ଦ୍ର ଦଳବେହେରା(୩୦), ଶରତ ନାୟକ(୪୩) ଓ ଦେବାଶୀଷ ସେଠୀ(୩୩) ସେଠାରେ ପହଞ୍ଚି ଗୋପାଳ ଧରିଥିବା ୮୫୦ ଟଙ୍କା ତା'ଠାରୁ ଛଡାଇ ନେଇଯାଇଥିଲେ। ଗୋପାଳ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଆଉ ଏହି ୩ଜଣ ଗୋପାଳକୁ ଜୀବନରୁ ମାରିଦେବାକୁ ଧମକ ଦେଇ ପଳାଇଥିଲେ। ଗୋପାଳ ପେଷାରେ ଜଣେ ଗୋରୁ ବେପାରୀ ହୋଇଥିବାରୁ ସେ ଏହି ଘଟଣାର ୨ ଦିନ ପରେ ଅର୍ଥାତ୍ ୧୭ ଜୁଲାଇ ୨୦୧୪ ଦିନ ପୋଢ ଧରି ଗ୍ରାମର ସୁରେନ୍ଦ୍ର ନାୟକଙ୍କ ସହ ମିଶି ହିଞ୍ଜିଳିକାଟୁ ହାଟକୁ ଯାଉଥିଲେ। ଏକଥା ପୂର୍ବରୁ ଜାଣିପାରି ନେଟେଙ୍ଗା ବ୍ରିଜ୍ ନିକଟରେ ଛପି ରହିଥିବା ଉପରୋକ୍ତ ୩ ଅଭିଯୁକ୍ତ ଠେଙ୍ଗାରେ ଗୋପାଳକୁ ଅତର୍କିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଗୋପାଳଙ୍କ ମୃତ୍ୟୁ ଘଟିଥିଲା। ସୁରେନ୍ଦ୍ର ଜୀବନ ବଞ୍ଚାଇ ଘଟଣାସ୍ଥଳରୁ ଦୌଡି ଆସି ଏକଥା ଗାଁରେ କହିବାସହ ଗୋପାଳଙ୍କ ଘରେ ସୂଚନା ଦେଇଥିଲା। ଗୋପାଳଙ୍କ ପୁଅ ନିରଞ୍ଜନ

**● ଏତଲାରେ ନାଁ ଭୁଲ୍ ଯୋଗୁ ଜଣେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ**

**● ଏଯାଏ ଆଉ ଜଣଙ୍କ ପତ୍ତା ପାଉନି ପୁଲିସ**

ଏନେଇ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ରିପୋର୍ଟ ଆଧାରରେ ୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣଙ୍କୁ ଧରି କୋର୍ଟଚାଲଣ କରିଥିବାବେଳେ ଅନ୍ୟଜଣେ ଏଯାଏ ଫେରାର ରହିଛି। ଉକ୍ତ ମାମଲା ଭଞ୍ଜନଗର ଅତିରିକ୍ତ ଜିଲ୍ଲାଜଜ୍ କୋର୍ଟରେ ପହଞ୍ଚିବାପରେ ମାନ୍ୟବର ଏଡିଜେ ଶେଖ୍ ମହମ୍ମଦ୍ କ୍ୱାଇସ୍ ମୋଟ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଗୁରୁବାର ରାୟ ଶୁଣାଇଛନ୍ତି। ଗୋପାଳଙ୍କ ପୁଅ ନିରଞ୍ଜନ ଗାଙ୍ଗପୁର ଥାନାରେ ଦେଇଥିବା ଏତଲାରେ ଶରତ ସ୍ୱାଇଁଙ୍କ ବଦଳରେ ଶରତ ନାୟକ ବୋଲି ଉଲ୍ଲେଖ କରିଥିବାରୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ଶରତ ନାୟକ ଏ ନୁହଁନ୍ତି ବୋଲି ପ୍ରତିପକ୍ଷ ଓକିଲ ରବି ଦାସ ଯୁକ୍ତି ବାଢିଥିଲେ। ଆଉ ନାମ ଭୁଲ ରହିଥିବାର ଅଭିଯୁକ୍ତ ଶରତ ସ୍ୱାଇଁ ନିର୍ଦ୍ଦୋଷରେ ଖଲାସ ହୋଇଥିବା ସରକାରୀ ଓକିଲ ଉଷାକାନ୍ତ ପଟ୍ଟନାୟକ କହିଛନ୍ତି। ଏହି ଘଟଣାରେ ଏବେସୁଦ୍ଧା ଫେରାର ରହିଥିବା ଦେବାଶିଷ ଧରା ପଡିନଥିବାରୁ ଏଡିଜେ କୋର୍ଟ ସଂପୃକ୍ତ ଅଭିଯୁକ୍ତଙ୍କୁ ଏଯାଏଁ ବିଚାରକୁ ନେଇ ନଥିବା ସରକାରୀ ଓକିଲ କହିଛନ୍ତି।

# ଏପିପିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଛତ୍ରପୁର,୪।୭(ସମିସ): କ୍ୟାଡ଼ର ଏପିପି ଭାବେ ଛତ୍ରପୁର ଏସଡ଼ିଜେଏମ କୋର୍ଟରେ କାର୍ଯ୍ୟରତ ଥିବା ରାଜେଶ କୁମାର ମିଶ୍ରଙ୍କର ପଦୋନ୍ନତି ହୋଇଛି। କିନ୍ତୁ ଏବେ ଗୃହ ବିଭାଗର ନିର୍ଦ୍ଦେଶରେ ଶ୍ରୀ ମିଶ୍ର ଗଜପତି ଜିଲ୍ଲାରେ ଭାରପ୍ରାପ୍ତ ପବ୍ଲିକ ପ୍ରେସିକ୍ୟୁଟର ଭାବେ କାର୍ଯ୍ୟ କରିବେ। ଏହି ପରିପ୍ରେକ୍ଷୀରେ ଛତ୍ରପୁର କୋର୍ଟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସରକାରୀ ଓକିଲ ରମେଶ ଚୌଧୁରୀଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସରକାରୀ ଓକିଲ ସୁରେଶ ପଣ୍ଡା ଶ୍ରୀ ମିଶ୍ରଙ୍କର କାର୍ଯ୍ୟକାଳର ବିଷଦ ବିବରଣୀ ରଖିଥିଲେ। ପରେ ଛତ୍ରପୁରର ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସୀମାଞ୍ଚଳ ମହାପାତ୍ର ଓ ଏପିପି ଏଲ୍ ଗୋପାଳ ରାଓ ଶ୍ରୀ ମିଶ୍ରଙ୍କର କାର୍ଯ୍ୟଶୈଳୀ ତଥା ବିଚକ୍ଷଣ ପ୍ରତିଭା ସମ୍ପର୍କରେ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ଭୈରବୀ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବେହେରା, ଉମାକାନ୍ତ ତ୍ରିପାଠୀ, ପ୍ରଦୀପ ପୁରୋହିତ, ଅପସାର ଜାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ କୋର୍ଟ ପରିସରରେ ପ୍ରୋବେସନର ଡ଼ିଏସ୍‌ପି ଦିବ୍ୟ ରଞ୍ଜନ ନାଥଙ୍କ ଅଧ୍ୟକ୍ଷତାରେ ତଥା କୋର୍ଟ ସିଏସଆଇ ସଂଜୟ ଭୁଜବଳ ଓ ଅନ୍ୟ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଯେଉଁଥିରେ ଲେଖାଳି କୈଳାସ ସେଠୀ ଶ୍ରୀ ମିଶ୍ରଙ୍କର ପୁଲିସ ବିଭାଗ ପ୍ରତି ଥିବା ବିଶେଷ ଅବଦାନକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ପରେ ଡ଼ିଏସପି ଶ୍ରୀ ନାଥ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ସଭା ସମାପ୍ତ କରିଥିଲେ।

# କାଳିଞ୍ଜି ସମାଜ କୁଳଗୃହ ପ୍ରତିଷ୍ଠା




ବୁଗୁଡା,୪।୭(ସମିସ): ବୁଗୁଡା ବ୍ଲକ ଅନ୍ତର୍ଗତ ଅନ୍ତରପଡା ମା'ସାଙ୍କୁଳାଇ ପୀଠରେ ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ ବନ୍ଧପଲ୍ଲୀ ଅଞ୍ଚଳ ପରିଷଦ ତରଫରୁ ବାଲିପଦର ଓ ବିଷ୍ଣୁଚକ୍ର ମଣ୍ଡଳ ସହଯୋଗରେ କୁଳଗୃହ ପ୍ରତିଷ୍ଠା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବନ୍ଧପଲ୍ଲୀ ଅଞ୍ଚଳର ସାମନ୍ତ ଦିଲ୍ଲୀପ କୁମାର ରଣସିଂହ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଅଞ୍ଚଳ ପରିଷଦର ସଭାପତି ସୀତାରାମ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇ କୁଳ ଗୃହ ଆମ ସମାଜର ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକଳାପର କେନ୍ଦ୍ର ବିନ୍ଦୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବିସୂର୍ଯ୍ୟନଗରର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, କେନ୍ଦ୍ରୀୟ ସଭାପତି ସନ୍ତୋଷ କୁମାର ଜେନା, ବାଲିପଦର ମଣ୍ଡଳ ସଭାପତି ବିଶିକେଶନ ସ୍ୱାଇଁ, ବିଷ୍ଣୁଚକ୍ର ମଣ୍ଡଳ ସଭାପତି ରାଜକିଶୋର ଜେନାଙ୍କ ସମେତ ଅଞ୍ଚଳ ଓ ମଣ୍ଡଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରୀଜୀଉଙ୍କ କଲ୍‌କୀ ଅବତାର

## ଥାନା ପକ୍ଷରୁ ପ୍ରସାଦ ବଣ୍ଟନ





ଶେରଗଡ,୪।୭(ସମିସ): ଶେରଗଡ ସହର ଓ ଏହାର ଆଖପାଖ ଅଞ୍ଚଳର ଆଡପ ମଣ୍ଡପରେ ବିଜେ ଶ୍ରୀବିଗ୍ରହ ମାନଙ୍କର ବିଭିନ୍ନ ଅବତାର ଦର୍ଶନ କରିବା ଲାଗି ଭକ୍ତଙ୍କ ପ୍ରବଳ ଭିଡ ଲାଗିଛି। ଏହି ଅବସରରେ ଶେରଗଡ ଗୁଣ୍ଡିଚା ମନ୍ଦିରରେ ଅନ୍ତିମ ଦିନରେ ଶ୍ରୀବିଗ୍ରହଙ୍କୁ କାଞ୍ଚି କାଉଁରୀ ଅବତାର ବେଶରେ ସଜ୍ଜିତ କରାଯାଇଥିଲା। ଆଡପ ମଣ୍ଡପରେ ସନ୍ଧ୍ୟା ଆଳତୀ ସମୟରେ ଶ୍ରଦ୍ଧାଳୁ ଭକ୍ତମାନେ ଶ୍ରୀବିଗ୍ରହଙ୍କ କଲ୍‌କୀ ଅବତାର ଦର୍ଶନ କରିଥିଲେ। ଏହି ଅବସରରେ ଶେରଗଡ ଥାନା ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଥାନାଧିକାରୀ ବରେନ୍ଦ୍ର ସିଂହ, ଏସଆଇ ସତ୍ୟଜିତ ବେଣିଆ ଓ ସରଲତା ପ୍ରଧାନ, ଏଏସଆଇ କୃଷ୍ଣଚନ୍ଦ୍ର ଦାସ, ଏଏସଆଇ କିଶୋର ଚନ୍ଦ୍ର ପାଳ, ଏଏସଆଇ ସମୀର କୁମାର ସୁନାଙ୍କ ସହିତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗଛ ଉପୁଡ଼ି ଗୁହାଳ ଭାଙ୍ଗିଲା; ଅଳ୍ପକେ ବର୍ତ୍ତିଲେ ବୃଦ୍ଧ



ଦିଗପହଣ୍ଡି,୪।୭(ସମିସ): ଦିଗପହଣ୍ଡି ବ୍ଲକ କରପଡା ପଞ୍ଚାୟତ ବୃନ୍ଦାବନପଲ୍ଲୀ ଗ୍ରାମର ଗୋବିନ୍ଦ ଗୌଡ଼ଙ୍କ ଗୁହାଳ ଉପରେ ଶୁକ୍ରବାର ଅପରାହ୍ନରେ ବହୁ ପୁରୁଣା କଇଁଠ ଗଛ ଉପୁଡ଼ି ପଡ଼ିବାରୁ ଗୁହାଳଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଗୋବିନ୍ଦ ତାଙ୍କ ୧୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଖାଇବାକୁ ଦେଉଥିବା ବେଳେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ସେ ଭୟରେ ବାହାରକୁ ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗଛଟି ଗୁହାଳ ଉପରେ ପଡିଥିଲା। ଗତ ଦୁଇ ଦିନ ଧରି ଲଗାଣ ବର୍ଷା ପ୍ରଭାବରେ ଗଛ ମୂଳ ବତୁରି ଉପୁଡ଼ି ପଡ଼ିଛି।

ଗୋବିନ୍ଦଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ଗୁହାଳ ମଧ୍ୟରୁ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଗୋବିନ୍ଦ ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଧରାକୋଟ ବଡ଼ଦାଣ୍ଡରେ କୁନି ରଥ



ଧରାକୋଟ,୪।୭(ସମିସ): ଗଞ୍ଜାମ ଜିଲ୍ଲାର ଗଡ଼ଜାତ ଗୁଡ଼ିକ ମଧ୍ୟରେ ଧରାକୋଟ ଗଡ଼ ଅନ୍ୟତମ। ସବୁଠି ବାହୁଡ଼ା ଯାତ୍ରା ଦିନ ରଥ ଟଣା ହେଉଥିବା ବେଳେ ଏଠାରେ ବାହୁଡ଼ା ପରଦିନ ଅର୍ଥାତ ଏକାଦଶୀ ତିଥିରେ ବାହୁଡା ଯାତ୍ରା ପାଳିତ ହୋଇଆସୁଛି। ସଂପ୍ରତି ମାଉସୀ ମା'ଘରେ ତିନି ଠାକୁର ଅବସ୍ଥାନ କରୁଥିବାରୁ ପ୍ରତିଦିନ ସକାଳୁ ଆରମ୍ଭ କରି ରାତି ପର୍ଯ୍ୟନ୍ତ ଧରାକୋଟ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଯିବା ଆସିବା ଲାଗି ରହୁଛି। ଏହା ମଧ୍ୟରେ ବଡ଼ଦାଣ୍ଡରେ ଚଳିତ ବର୍ଷ ତିନୋଟି କୁନି ରଥକୁ ଛୋଟ ଛୋଟ ପିଲା ମାନେ ଟାଣି ନେଉଥିବା ଦୃଶ୍ୟ ବେଶ ଆକର୍ଷଣୀୟ ହୋଇଛି। ଶ୍ରଦ୍ଧାଳୁ କୁନି ରଥକୁ ଅଟକାଇ ଶ୍ରଦ୍ଧାରେ ରଥ ନିକଟରେ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରୁଥିବା ଦେଖାଯାଉଛି।

## ଜଗନ୍ନାଥ ପ୍ରସାଦ ବ୍ଲକ ଉପାଧ୍ୟକ୍ଷଙ୍କ ଇସ୍ତଫା

ଜଗନ୍ନାଥପ୍ରସାଦ,୪।୭(ସମିସ): ଜଗନ୍ନାଥପ୍ରସାଦ ବ୍ଲକ ଉପାଧ୍ୟକ୍ଷ ରଂଜିତ କୁମାର ପାତ୍ର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଶ୍ରୀ ପାତ୍ର ଗତ ଜୁନ୍ ୧୬ରେ ଚିଠି ନମ୍ବର ୫୭୮୬ ପ୍ରକାରେ ଇସ୍ତଫା ପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାତାହାତି ପ୍ରଦାନ କରିଥିଲେ। ଜିଲ୍ଲାପାଳ ଛତ୍ରପୁରଙ୍କ ଚିଠି ନମ୍ବର ୧୪୬୬ ପ୍ରକାରେ ଭଞ୍ଜନଗର ଉପଜିଲ୍ଲାପାଳ, ଜଗନ୍ନାଥ ପ୍ରସାଦ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ଚିଠି କରି ଏ ନେଇ ସ୍ପଷ୍ଟ କରାଯାଇଛି। ପ୍ରକାଶ ଯେ, ନିଜ ପଞ୍ଚାୟତ ପଞ୍ଚୁଭୂତିରୁ ୨୦୨୨ରେ ସମିତିସଭ୍ୟ ଭାବେ ଜିତି ବ୍ଲକର ଉପାଧ୍ୟକ୍ଷ ପଦ ହାତେଇ ଥିଲେ।

**● ତେଲଙ୍ଗାନା ଫାର୍ମା କିମ୍ପାନୀ ବିସ୍ଫୋରଣ ଘଟଣା**

# ଗଞ୍ଜାମର ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଲା

ଛତ୍ରପୁର,୪।୭(ସମିସ): ତେଲଙ୍ଗାନାର ସାଙ୍ଗରେଡ୍ଡି ଜିଲ୍ଲାର ସିଗାଚି ଫାର୍ମା କିମ୍ପାନୀରେ ହୋଇଥିବା ବିସ୍ଫୋରଣରେ ମୃତକଙ୍କ ସଂଖ୍ୟା ବୃଦ୍ଧିପାଉଛି। ଏବେବି ବହୁ ଲୋକ ନିଖୋଜ ରହିଛନ୍ତି। ଏହି ବିସ୍ଫୋରଣରେ ଏଯାବତ ଓଡିଶାର ୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସେଥିରୁ ଗଞ୍ଜାମ ଜିଲ୍ଲାର ୩ଜଣ ରହିଛନ୍ତି। ଚଳିତ ମାସ ୨ରେ ଛତ୍ରପୁର ରାମକ୍ରିଷ୍ଣା ନଗରର ଆର.ଭି. ଜଗନ ମୋହନ(୫୭)ଙ୍କ ପ୍ରାର୍ଥୀବ ଶରୀର ଜନ୍ମମାଟିକୁ ଫେରିଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ହିଞ୍ଜିଳି ପୋଡିଙ୍ଗି ଅଂଚଳର ସିଦ୍ଧାର୍ଥ ଗୌଡ଼ଙ୍କ (୧୯) ର ମୃତଦେହ ପହଞ୍ଚିଛି। ସେ ତିନିମାସ ତଳେ ସିଗାଚି ଫାର୍ମା କିମ୍ପାନୀରେ କାମ କରିବାକୁ ଯାଇଥିବା ଛତ୍ରପୁର ଡିଏଲଓ ବର୍ଷାରାଣୀ ଜେନା କହିଛନ୍ତି। ସେହିପରି ଛତ୍ରପୁର ବ୍ଲକ ଖୁରିଗାଁ ଅଂଚଳର ପ୍ରଶାନ୍ତ ମହାପାତ୍ର(୪୭)। ସେ ୫ବର୍ଷ ହେଲା ସେଠାରେ କାମ କରୁଥିଲେ ଦେହ ଅସୁସ୍ଥ ଥିବାରୁ କାମ କରୁନଥିଲେ ଦେହ ଭଲ ହେବାରୁ ୩ମାସ ତଳେ ପୁଣି ସେଠାକୁ କାମ କରିବାକୁ ଯାଇଥିଲେ ବୋଲି ମୃତ ପ୍ରଶାନ୍ତଙ୍କ ଭାଇ ସୁକାନ୍ତ କହିଛନ୍ତି। ଶବ ପୁରା ନଷ୍ଟ ହୋଇଯାଇଥିବାରୁ ସେଠାରେ ଡିଏନ୍‌ଏ ଟେଷ୍ଟ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବା ସହ ସେଠାରେ ତାଙ୍କ ଶବସତ୍କାର କରାଯାଇଥିଲା। ଏବେବି ଜିଲ୍ଲାର ଅନେକ ଲୋକ ଆହତ ହୋଇ ଚିକିତ୍ସା ଚାଲୁଥିବା ସୂଚନା ରହିଛି।

# ଆକ୍ରମଣ ମାମଲା; ୩ ଜଣଙ୍କୁ ୫ ବର୍ଷ ଜେଲ୍

ଛତ୍ରପୁର,୨।୭(ସମିସ): ୨୦୨୩ ଫେବୃଆରୀ ୨୬ରେ ଛତ୍ରପୁର ଥାନା ଅଧୀନ ହୁମର ଗ୍ରାମର ବଇଁଶୀ ପଲାଇଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାର ଶୁକ୍ରବାର ଛତ୍ରପୁର ସହକାରୀ ଦୌରାଜଜ୍ ପୂଜା ଦେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ହୁମର ଗ୍ରାମର ଯୁଧିଷ୍ଠୀର ପଲାଇ, ସଞ୍ଜୟ ପଲାଇ ଓ ବାବୁ ପଲାଇଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଲେଖାଁଏ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏହାସହିତ ପୀଡିତଙ୍କ କ୍ଷତିପୂରଣ ବାବଦରେ ୩ ଜଣ ଆସାମୀ ୧୫ ହଜାର ଲେଖାଁଏ ଜରିମାନା ଦେବାକୁ ବିଚାରପତି ତାଙ୍କରି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ଉମାକାନ୍ତ ତ୍ରିପାଠୀ ମୋକଦ୍ଦମା ପରିଚାଳନା କରିଥିଲେ।

ସୂଚନାନୁସାରେ, ୨୦୨୩ ଫେବୃଆରୀ ୨୬ ଅପରାହ୍ନ ୪ଟା ବେଳେ ହୁମର ଗ୍ରାମର ବଇଁଶୀ ପଲାଇ ଗ୍ରାମକୁ ଫେରୁଥିବା ବେଳେ ସେହି ଗ୍ରାମର ଯୁଧିଷ୍ଠୀର ପଲାଇ, ସଞ୍ଜୟ ପଲାଇ ଓ ବାବୁ ପଲାଇ ୩ ଜଣ ରାସ୍ତାରେ ଅଟକାଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଫେବୃଆରୀ ୨୭ରେ ଆହତ ବଇଁଶୀଙ୍କ ଭାଇ ରଞ୍ଜନ ପଲାଇ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ନଂ.୩୩/୨୦୨୩ ଏକ ମାମଲା ରୁଜୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା ସହକାରୀ ଦୌରା କୋର୍ଟରେ ବିଚାରାଧୀନ ରହିଥିବା ବେଳେ ଶୁକ୍ରବାର ବିଚାରପତି ବିଚାରଣ କରି ଦୋଷୀଙ୍କୁ ଦଣ୍ଡ ଶୁଣାଇଛନ୍ତି।

# ସୋରଡ଼ା ବ୍ଲକରେ ପିଏଆଇ କର୍ମଶାଳା

ସୋରଡ଼ା,୪।୭(ସମିସ): ସୋରଡା ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏକ ତିନି ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସୋରଡା ବିଡିଓ ତନ୍ମୟ ପାତ୍ର ଆରମ୍ଭ କରିଥିଲେ। ନୋଡାଲ ଅଫିସର ଭାବେ ପଞ୍ଚାୟତ ଅଧିକାରୀ ପାରର୍ବ ପ୍ରଧାନ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଦ୍ୟାଳୟ, ଜଙ୍ଗଲ, ସାମାଜିକ ସୁରକ୍ଷା ବିଭାଗର ବିଶ୍ୱାମିତ୍ର ଦଳାଇ, ସବିତା ସାବତ, ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ଅଞ୍ଜନ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ତୃଣମୂଳ ସ୍ତରରେ ଯେପରି ଲୋକଙ୍କ ନିକଟରେ ସମସ୍ତ ସରକାରୀ ସୁବିଧା ପହଞ୍ଚିପାରିବ ସେନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ କେ. ସନ୍ତୋଷ ପାତ୍ରଙ୍କ ସହିତ ସମସ୍ତ ଯନ୍ତ୍ରୀ, ପିଇଓ, ଏଡ଼ିଓ, ଶିକ୍ଷକ, ଅଙ୍ଗନବାଡି କର୍ମୀ ଅଂଶଗ୍ରହଣ କରିଥିଲେ।

## ଭୁଶୁଡ଼ିଲା ଚେକ୍‌ଡ୍ୟାମ୍

# ତହସିଲଦାରଙ୍କୁ ଭେଟି ତୁରନ୍ତ ନିର୍ମାଣ ଦାବିକଲେ ଅଞ୍ଚଳବାସୀ

କବିସୂର୍ଯ୍ୟନଗର,୪।୭(ସମିସ): କବିସୂର୍ଯ୍ୟନଗର ବ୍ଲକ ତଥା ଆସିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଦାବର୍ତ୍ତ ନୂଆଗାଁଠାରେ ଚେକ୍‌ଡ୍ୟାମ୍ ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଛି। କାରଣ ଚଳିତବର୍ଷର ଲଗାଣ ବର୍ଷାରେ ତାହା ଭୁଶୁଡ଼ି ପଡିଛି। ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଶୁକ୍ରବାର ଚାଷୀ ଓ ସ୍ଥାନୀୟ ପ୍ରତିନିଧି ସ୍ଥାନୀୟ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେବାସହ ଏହି କ୍ଷୁଦ୍ର ଜଳସେଚନ ଚେକଡ୍ୟାମକୁ ତୁରନ୍ତ ନିର୍ମାଣ କରିବାକୁ ଦାବି କରିଛନ୍ତି। ଏଥିସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି କହିଥିଲେ। ଏହି ଅବସରରେ ବାଲ୍ୟସରା ସରପଞ୍ଚ ରବୀନ୍ଦ୍ର ପୋଲାଇ, ସୁନାରିଖୋଲା ସରପଞ୍ଚ ରାଧା ରେଡି, ବାଲ୍ୟସରା ସମିତିସଭ୍ୟା ପ୍ରତିନିଧି ଗୌତମ ଖଣ୍ଡୁଆଳ, ଜିଲ୍ଲକ୍ଷ ପରିଷଦ ପ୍ରତିନିଧି ହାଡୁବନ୍ଧୁ ସ୍ୱାଇଁ, ଦାଶରଥି ନାୟକ, ଗଙ୍ଗା ସ୍ୱାଇଁ, ମନ୍ମଥ ପରିଡା, ନୀଳାଞ୍ଚଳ ମଣ୍ଡଳ ଓ ଗଞ୍ଜାମ ଜିଲ୍ଲା ବିଜେଡି ଯୁବ ଜୋନ ସଭାପତି ନଚିକେତା ସ୍ୱାଇଁ ଚାଷୀ ଉପସ୍ଥିତ ରହି ନିଜ ସମସ୍ୟା ତହସିଲଦାରଙ୍କୁ ଜଣାଇଥିଲେ।



**ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ ଚେତାବନୀ**

# ହନୁମାନ ମନ୍ଦିର କାର୍ଯ୍ୟ ଶୁଭାରମ୍ଭ

ଛତ୍ରପୁର,୪।୭(ସମିସ): ଛତ୍ରପୁର ସବ-ଜେଲରେ ନୂତନ କରି ଦାୟିତ୍ୱ ଗ୍ରହଣ କରିଥିବା ଜେଲ ସୁପେରିଟେଣ୍ଡେଣ୍ଟ ପ୍ରସନ୍ନ କୁମାର ସାହୁଙ୍କ କରକମଳରେ ଛତ୍ରପୁର ବିଧାୟକଙ୍କ ଦ୍ୱାରା ଦିଆଯାଇଥିବା ଅନୁଦାନ ରାଶିରେ ନୂତନ ମନ୍ଦିର କାର୍ଯ୍ୟ ଶୁଭ ଦିଆଯାଇଛି। ଜେଲ ଫାର୍ମାସିଷ୍ଟ ମାଥୁ କିସକୁ, ମନ୍ଦିର କମିଟି ସଦସ୍ୟ ଦେବାଶିଷ ପଟ୍ଟନାୟକ, ରାମକୃଷ୍ଣ ମହାପାତ୍ର, ମନ୍ଦିର ପୂଜକ ତାରିଣୀ ଚରଣ ପଣ୍ଡା, କମିଟି ସଦସ୍ୟ ଅରୁଣ ପଣ୍ଡା, ସୁରୀ ରେଡୀ ସମସ୍ତେ ଉପସ୍ଥିତ ଥିଲେ। ମୁଖ୍ୟ ପଣ୍ଡିତ ସରୋଜ ଶତପଥୀ ଓ ସ୍ଥପତି ପଣ୍ଡିତ ବିଜୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମନ୍ଦିର କାର୍ଯ୍ୟ ସମ୍ପନ୍ନ ହେବ ବୋଲି କମିଟି ସଂଯୋଜକ କମଳ ପଣ୍ଡା କହିଥିଲେ।



# କଲ୍କୀ ଅବତାରରେ ଶ୍ରୀଜଗନ୍ନାଥ



ବ୍ରହ୍ମପୁର,୪।୭(ସମିସ): ମାଉସୀ ମା'ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶୁକ୍ରବାର ଶେଷ ଦିନ ହୋଇଥିବା ବେଳେ ଶ୍ରୀଜୀଉ କଲ୍କୀ ଅବତାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସହରର ପ୍ରମୁଖ ଗୋଷାଣିନୂଆଗାଁ ସ୍ଥିତ ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର, ବିଜିପୁର ଜଗନ୍ନାଥ ମନ୍ଦିର, କୋର୍ଟପେଟା ସ୍ଥିତ ଜଗନ୍ନାଥ ମନ୍ଦିର, ଉତ୍କଳଆଶ୍ରମ ରୋଡ ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଇଲୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର, ପାତାଳେଶ୍ୱର



ଜଗନ୍ନାଥ ମନ୍ଦିର, ବଡବଜାର ବଡଜଗନ୍ନାଥ ମନ୍ଦିର ଓ ସାନ ଜଗନ୍ନାଥ ମନ୍ଦିର, ତ୍ରିମୂର୍ତ୍ତି ଜଗନ୍ନାଥ ମନ୍ଦିର ସମେତ ଲାଞ୍ଜିପଲ୍ଲୀ ଓ ଖୋଡ଼ାସିଙ୍ଗି ଅଞ୍ଚଳରେ ଥିବା ମାଉସୀ ମା'ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହାସହ କିଛି ସ୍ଥାନରେ ସନ୍ଧ୍ୟାରେ ଭଜନ ସମାରୋହ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ବିଭିନ୍ନ ମାଉସୀ ମା'ମନ୍ଦିର ନିକଟରେ ପୁଲିସ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ ଶନିବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

### ଦରବୃଦ୍ଧି ସତ୍ତ୍ୱେ ବଢୁନି ଖାଦ୍ୟର ମାନ

# ରୁଚୁନି ମଧ୍ୟାହ୍ନଭୋଜନ; ଘରୁ ଆଣୁଛନ୍ତି ଟିଫିନ୍

ବ୍ରହ୍ମପୁର,୪।୭(ସମିସ)





ପିଲାଙ୍କୁ ସ୍କୁଲ ମୁହାଁ କରିବା ସହ ସରକାରୀ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ "ମଧ୍ୟାହ୍ନ ଭୋଜନ' ବା (ମିଡ-ଡେ ମିଲ୍)ର ବ୍ୟବସ୍ଥା କରାଯାଇଥିଲା। ଫଳରେ ସମସ୍ତ ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ୬ରୁ ୧୪ବର୍ଷ ବୟସର ଛାତ୍ରଛାତ୍ରୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ସେମାନଙ୍କୁ ପାଠପଢା ପ୍ରତି ଆକୃଷ୍ଟ କରିବାକୁ ଉଦ୍ୟମ କରାଯାଇଥିଲା। ତେବେ ଜିଲ୍ଲା ଶିକ୍ଷାବିଭାଗ ଓ ବିଦ୍ୟାଳୟସ୍ତରରେ ଏହି ଯୋଜନାକୁ ସେତେଟା ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ "ପିଏମ୍-ପୋଷଣ' ଓ 'ମୁଖ୍ୟମନ୍ତ୍ରୀ ପୋଷଣ' ଅଭିଯାନ କ୍ରମରେ ପ୍ରଥମରୁ ଦଶମ ଛାତ୍ରଛାତ୍ରୀମାନଙ୍କୁ ସୋମବାର, ବୁଧବାର ଓ ଶୁକ୍ରବାର 'ଅଣ୍ଡା' ଦିଆଯିବା ସହିତ ମଙ୍ଗଳବାର, ଗୁରୁବାର, ଶନିବାର ପୋଷଣଯୁକ୍ତ 'ଲଡୁ' ମଧ୍ୟାହ୍ନ ଭୋଜନାରେ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ଖାଦ୍ୟର ମାନ ଦିନକୁ ଦିନ ହ୍ରାସ ପାଉଥିବାରୁ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନକୁ ନାପସନ୍ଦ କରୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ହେଉଥିବା ଅଥବା ଯୋଗାଣ ହେଉଥିବା ମଧ୍ୟାହ୍ନ ଭୋଜନରେ ଭାତ ଟାଣ ରହିବା ସହିତ ମାନରେ ହ୍ରାସ ଅଭିଯୋଗ ହୋଇଛି। ଉକ୍ତ ଖାଦ୍ୟକୁ ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ଅନୁଭବ ହେଉଥିବା କିଛି ଛାତ୍ର ଅଭିଯୋଗ କରିଛନ୍ତି। ଫଳରେ ସହରର ଅନ୍ୟତମ ପୁରାତନ ବିଦ୍ୟାଳୟ ସିଟି ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ସମୟରେ ଅନେକ ଛାତ୍ରମାନେ ଘରୁ ଟିଫିନ୍ ଆଣି ବିଦ୍ୟାଳୟରେ ଖାଉଥିବା ବେଳେ କେତେକ ଛାତ୍ର ବାହାରେ ଉପଲବ୍ଧ ହେଉଥିବା ବିରିଆନି କିଣି ଖାଉଥିବା ଦେଖିବାକୁ ମିଳିଛି।

ଶୁକ୍ରବାର ସିଟି ହାଇସ୍କୁଲର ଦଶମ ଶ୍ରେଣୀରେ ୬୩ଓ ନବନ ଶ୍ରେଣୀରେ ୭୧ଜଣ ଛାତ୍ର ଉପସ୍ଥିତ ଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଛାତ୍ର ଘରୁ ଆଣିଥିବା ଟିଫିନ ଖାଇଥିଲେ। ଫଳରେ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଣ ହେଉଥିବା ରନ୍ଧା ଖାଦ୍ୟ ନଷ୍ଟ ହେଉଛି। ଏନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳକୃଷ୍ଣ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ବିଭିନ୍ନ ସମୟରେ ଛାତ୍ର ଓ ଅଭିଭାବକଙ୍କୁ ବୁଝାଇବା ପରେ ମଧ୍ୟ ସେମାନେ ଟିଫିନ ଆଣୁଛନ୍ତି। ସେପଟେ ଦରବୃଦ୍ଧିକୁ ଦୃଷ୍ଟିରେ ରଖି ଗତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ 'ପିଏମ୍-ପୋଷଣ' ଯୋଜନାରେ ମିଳିଥିବା ମଧ୍ୟାହ୍ନ ଭୋଜନ ବାବଦ ଖର୍ଚ୍ଚ ବଢାଇବାକୁ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା ପିଲାଙ୍କ ଖାଦ୍ୟର ମାନବୃଦ୍ଧି ପାଇବ ବୋଲି ଆଶା କରାଯାଇଥିଲା। ତେବେ ସାହା ହୋଇପାରି ନାହିଁ। ପୂର୍ବରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ମଧ୍ୟାହ୍ନ ଭୋଜନ ବାବଦକୁ ପ୍ରତି ପିଲାଙ୍କ ଖର୍ଚ୍ଚ ବାବଦକୁ ୫ଟଙ୍କା ୯୦ପଇସା ଥିବାବେଳେ ତାହା ବୃଦ୍ଧି ପାଇ ୭ଟଙ୍କା ୬୪ପଇସା ହୋଇଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପ୍ରତି ପିଲାଙ୍କ ପାଇଁ ଥିବା ୮ଟଙ୍କା ୮୨ପଇସାକୁ ୧୦ଟଙ୍କା ୯୪ପଇସାକୁ ବୃଦ୍ଧି କରାଯାଇଛି। ଗତବର୍ଷ ଡିସେମ୍ବରରୁ ଏହି ବର୍ଦ୍ଧିତ ରାଶିରେ ମଧ୍ୟାହ୍ନ ଭୋଜନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଛି। ତଥାପି "ପିଏମ୍-ପୋଷଣ' ଓ 'ମୁଖ୍ୟମନ୍ତ୍ରୀ ପୋଷଣ'ରେ ବିଦ୍ୟାଳୟ ଗୁଡ଼ିକରେ ପ୍ରଦାନ କରାଯାଉଥିବା ମଧ୍ୟାହ୍ନ ଭୋଜନର ମାନରେ କୌଣସି ବୃଦ୍ଧି ହୋଇନାହିଁ। ସହରର କେବଳ ସିଟି ହାଇସ୍କୁଲ ନୁହେଁ, ବରଂ ପ୍ରାୟ ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନକୁ ନାପସନ୍ଦ କରୁଥିବା ଦେଖିବାକୁ ମିଳିଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷାବିଭାଗ ଧ୍ୟାନ ଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି।

### ବାହାରୁ ବିରିୟାନୀ କିଣି ଖାଉଛନ୍ତି ସିଟି ହାଇସ୍କୁଲ ଛାତ୍ର

# ପତ୍ନୀଙ୍କ ସହ ବଚସା; ନିଜ ବେକ କାଟିଲେ ଯୁବକ

ବ୍ରହ୍ମପୁର,୪।୭(ସମିସ): ଘରୋଇ କଳିରୁ ହଠାତ୍ ଉତକ୍ଷିପ୍ତ ହୋଇ ନିଜ ବେକକୁ ଧାରୁଆ ଅସ୍ତ୍ରରେ କାଟି ଗୁରୁତର ଆହତ ହୋଇଛନ୍ତି ଜଣେ ଯୁବକ। ସ୍ଥାନୀୟ ଖାରବେଳ ନଗର ନିବାସୀ ଅଶୋକ କୁମାର ପାଣିଗ୍ରାହୀ ଶୁକ୍ରବାର ପୂର୍ବାହ୍ନରେ ନିଜ ପତ୍ନୀଙ୍କ ସହ କୌଣସି କାରଣରୁ ଝଗଡ଼ା କରି ନିଜ ବେକ କାଟିଦେଇଥିଲେ। ଗୁରୁତର ଅବସ୍ଥାରେ ଅଶୋକ ନିଜେ ବାଇକ ଚଳାଇ ଏମକେସିଜି ମେଡ଼ିକାଲକୁ ଆସିଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ଗୁରୁତର ଅଶୋକଙ୍କ ଚିକିତ୍ସା ଜାରି ରହିଛି।

# ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ

ବ୍ରହ୍ମପୁର,୪।୭(ସମିସ): ଜନୈକା ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଗୋଳନ୍ଥରା ଥାନା ଇଲାକାର ଜନୈକା ନାବାଳିକାଙ୍କୁ ଗତ ଜୁନ୍ ୨୨ରେ ଅପହରଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅପହରଣ ପରେ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ରାଜ୍ୟ ବାହାରକୁ ନେଇ ସେଠାରେ ବାରମ୍ବାର ଦୁଷ୍କର୍ମ କରିଥିଲା। ଅପହୃତା ନାବାଳିକାଙ୍କୁ ଉଦ୍ଧାର ସହ ଅଭିଯୁକ୍ତ ଜନ୍ମୟ ରଣାକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ପରେ ପୀଡ଼ିତାଙ୍କ ବୟାନ ରେକର୍ଡ ସହ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ପୀଡ଼ିତାଙ୍କ ବୟାନ ଓ ଅଭିଯୋଗ ଆଧାରରେ ପୁଲିସ ଏକ ଅପହରଣ ଓ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତ ଜନ୍ମୟ ରଣାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

# ବିଇଏମ୍‌ସି ପକ୍ଷରୁ 'ଇ-ଲାଇବ୍ରେରୀ' ଲୋକାର୍ପିତ

ବ୍ରହ୍ମପୁର,୪।୭(ସମିସ)



ବ୍ରହ୍ମପୁର ମହାନଗର ନିଗମ(ବିଇଏମସି) ପକ୍ଷରୁ ଶୁକ୍ରବାର ଷ୍ଟେଟ୍ ବ୍ୟାଙ୍କ ରାସ୍ତାରେ ଥିବା ପାଠାଗାର ପରିସରରେ ୨୦ସିଟ୍ ବିଶିଷ୍ଟ ଇ-ଲାଇବ୍ରେରୀକୁ ଲୋକାର୍ପିତ କରାଯାଇଛି। ଏହି ଅତ୍ୟାଧୁନିକ ଇ-ଲାଇବ୍ରେରୀକୁ ମୁଖ୍ୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଉପସ୍ଥିତ ଥିଲେ। ଇ-ଲାଇବ୍ରେରୀରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ ୱାଇଫାଇ ବ୍ୟବସ୍ଥା ଉପଲବ୍ଧ ରହିଛି। ସେହିପରି ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିଙ୍କ ଜର୍ଣ୍ଣାଲ ଗୁଡ଼ିକୁ ମଧ ଛାତ୍ରଛାତ୍ରୀ ପଢିବାର ସୁଯୋଗ ପାଇବେ। ଯାହା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ବେଶ୍ ଲାଭଦାୟକ ଓ ଉପାଦେୟ ହେବ ବୋଲି କମିଶନର ରାଜସିର୍କେ କହିଛନ୍ତି। ଟାଉନ ହଲ୍‌ରେ ଥିବା ଇ-ଲାଇବ୍ରେରୀରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଏଣୁ ସହରରେ ଅଧିକ ସଂଖ୍ୟକ ଇ-ଲାଇବ୍ରେରୀ ପାଇଁ ଦାବି ହେଉଥିଲା। ଏହି ଦାବିକୁ ପୂରଣ କରିବାକୁ ଯାଇ ମହାନଗର ନିଗମ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଏବଂ ଆଶୀର୍ବାଦ ପରିଡ଼ାଙ୍କ ସମେତ ବହୁ କର୍ପୋରେଟର, ମହାନଗର ନିଗମର ଅଧିକାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ● ୪ଦିନରେ ୨ ଜୁଆଆଡ୍ଡାରେ ଚଢ଼ଉ

# ୧୨ ମହିଳାଙ୍କ ସମେତ ୧୯ ଜୁଆଡ଼ି ଗିରଫ

ବ୍ରହ୍ମପୁର,୪।୭(ସମିସ): ୪ଦିନରେ ୨ଟି ଜୁଆଆଡ୍ଡା ଉପରେ ବ୍ରହ୍ମପୁର ପୁଲିସ ଚଢଉ କରି ୧୨ମହିଳାଙ୍କ ସମେତ ୧୯ଜଣ ଜୁଆଡିଙ୍କୁ ଗିରଫ କରିଛି। ତେବେ ଉଭୟ ସ୍ଥାନରୁ ମୋଟ ୫ଜଣ ଜୁଆଡି ଚମ୍ପଟ ମାରିଥିବା ଜଣାପଡିଛି। ବଡ଼ବଜାର ଥାନା ପୁଲିସ ଓ ଗୋଳନ୍ଥରା ଥାନା ପକ୍ଷରୁ ଏହି ଜୁଆଡିଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ନଗଦ ୬୧ହଜାର ୧୧୦ଟଙ୍କା, ୪ଟି ମୋବାଇଲ ଓ ୬ଟି ମୋଟର ସାଇକେଲକୁ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗୁରୁବାର ସନ୍ଧ୍ୟାରେ ଗୋଳନ୍ଥରା ଥାନା ଅଧୀନ ଗିରିସୋଲାର ଗ୍ରାମରେ ଏକ ଜୁଆଆଡ୍ଡାରେ ପୁଲିସ ଚଢଉ କରି ୫ଜଣ ଜୁଆଡିଙ୍କୁ କାବୁ କରିଥିଲା। ତେବେ ଘଟଣା ସ୍ଥଳରୁ ୫ଜଣ ଜୁଆଡ଼ି ଚମ୍ପଟ ମାରିବାରେ ସକ୍ଷମ ହୋଇଥଲେ। ଧରା ପଡିଥିବା ଜୁଆଡିଙ୍କ ନିକଟରୁ ଓ ଘଟଣା ସ୍ଥଳରୁ ପୁଲିସ ନଗଦ ୧୮ହଜାର ୨ଶହ ଟଙ୍କା, ୪ଟି ମୋବାଇଲ, ୬ଟି ମୋଟର ସାଇକେଲ ସହ ତାସକାଟା ଜବତ କରିଥିଲା। ସେହିପରି ବଡବଜାର ଥାନା ପୁଲିସ ଗତ ୩୦ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଜଗବନ୍ଧୁ ସାହିରେ ଚାଲିଥିବା ଏକ ଜୁଆଆଡ୍ଡାରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଉକ୍ତ ଜୁଆଆଡ଼ାରୁ ୧୨ଜଣ ମହିଳା ଓ ଦୁଇଜଣ ପୁରୁଷଙ୍କୁ କାବୁ କରାଯାଇଥିଲା। ସେମାନଙ୍କ ନିକଟରୁ ପୁଲିସ ନଗଦ ୪୨ହଜାର ୯୧୦ଟଙ୍କା ଜବତ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି।

୬୧ହଜାର ଟଙ୍କା, ୪ଟି ମୋବାଇଲ ଓ ୬ ବାଇକ୍ ଜବତ

# ଗଞ୍ଜାମ କଳା ପରିଷଦ ପକ୍ଷରୁ ନାଟକ 'ଉଦ୍‌ଘାଟନ'



ବ୍ରହ୍ମପୁର,୪।୭(ସମିସ): ଗଞ୍ଜାମ କଳାପରିଷଦ ପକ୍ଷରୁ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ନାଟକ "ଉଦଘାଟନ' ପରିବେଷଣ କରାଯାଇ ଉଚ୍ଚପ୍ରଶଂସିତ ହୋଇଛି। ଡ. ମିହିର କୁମାର ତ୍ରିପାଠୀଙ୍କ ଦ୍ୱାରା ରଚିତ ନାଟକକୁ ଇଂ. ଅପୂର୍ବ କୁମାର ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଇଂ ମନୋଜ ଦଣ୍ଡପାଟ, ଗିରିଜା ଶଙ୍କର ଦାସ, ଗୋକୁଳ ପଣ୍ଡା, ନଳିନୀ ଗୌଡ଼, ସନ୍ଦୀପ ପଟ୍ଟନାୟକ, ମିହିର ତ୍ରିପାଠୀ, ଦେବହରି ବେହେରା, ବିନାୟକ ହୋତା, ରବୀନ୍ଦ୍ର ନାୟକ, ସନ୍ତୋଷ କୁମାର ସେଠୀ ଓ ଆରତୀ ପାତ୍ର ପ୍ରମୁଖ ଅଭିନୟ କରିଥିଲେ। ସେହିପରି ସଂଗୀତ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶୁଭ୍ରସୌରଭ ବେହେରା ଓ ବିଶ୍ୱରଞ୍ଜନ ସଂଗୀତ ପରିଚାଳନା କରିଥିଲେ। ନାଟକ ପରିବେଷଣ ଶେଷରେ ଓଡିଶା ନାଟ୍ୟ ସଂଘର ସଭାପତି ଶୁଭକାନ୍ତ ପାଢ଼ୀଙ୍କ ଦ୍ୱାରା ନାଟକ ସମୀକ୍ଷା କରାଯାଇଥିଲା। ଓଡିଶାର ଦୁଇଟି ନାଟ୍ୟସଂସ୍ଥା ନାଟକ "ଉଦଘାଟନ'କୁ ଆଗାମୀ ଦିନରେ ପରିବେଷଣ କରିବାକୁ ନିମନ୍ତ୍ରଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ କଳା ପରିଷଦ ନାଟ୍ୟ ସମ୍ପାଦକ ଇଂ. ମନୋଜ ଦଣ୍ଡପାଟ, କାର୍ଯ୍ୟକାରୀ କମିଟି ସଦସ୍ୟ ରାଜୁ ପାଢ଼ୀ, ସୁବୋଧ ପଟ୍ଟନାୟକ, ଅଶୋକ କୁମାର ଜେନା ଓ ନୀଳାଞ୍ଚଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସାଧାରଣ ସଭା

ବ୍ରହ୍ମପୁର,୪।୭(ସମିସ): ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡରେ ଶୁକ୍ରବାର ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରମ କୋଡ ବାତିଲ, ଚାଷୀ ଫସଲର ସର୍ବନିମ୍ନ ଦର ପାଇଁ ଆଇନ, ଦରଦାମ ନିୟନ୍ତ୍ରଣ, ନିଯୁକ୍ତି, ସରକାରୀ ସମ୍ପତି ବିକ୍ରି ବନ୍ଦ କରିବା ଏବଂ ଦେଶର ସୁରକ୍ଷା ସମେତ ୧୮ ଦଫା ଦାବି ନେଇ ଉକ୍ତ ସଂଗଠନ ଗୁଡିକ ପକ୍ଷରୁ ଚଳିତ ମାସ ୯ ତାରିଖରେ ସର୍ବ ଭାରତୀୟ ସାଧାରଣ ଧର୍ମଘଟର ଡ଼କରା ଦିଆଯାଇଛି। ଏହି ଧର୍ମଘଟକୁ ସଫଳ କରିବାକୁ ସଂଗଠନ ପକ୍ଷରୁ ସାଧାରଣ ସଭା ଜରିଆରେ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଆଇଏନଟିୟୁସିର ଜିଲ୍ଲା ନେତା ଭୋକଲି ସେଠୀ, ଏଆଇଟିୟୁସିର ଜିଲ୍ଲା ନେତା ସୋମନାଥ ବେହେରା, ପପୁନୁ ସାହୁ, ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଅଳକନାଥ ମିଶ୍ର, ଏଆଇୱାଇଏଫର ରାଜ୍ୟ ସମ୍ପାଦକ କାମଦେବ ନାହାକ, ପ୍ରଫୁଲ୍ଲ ଜେନା, ରୋହିତ ବିଷୋୟୀ, ମହମ୍ମଦ ଉସ୍ମାନ, ସିଆଇଟିୟୁର ଜିଲ୍ଲା ସମ୍ପାଦକ ପ୍ରତାପ ଚୌଧୁରୀ, ଯୁଧିଷ୍ଠିର ବେହେରା, ଏଚଏମଏସର ଜିଲ୍ଲା ନେତା ସତ୍ୟ ନାରାୟଣ ତ୍ରିପାଠୀଙ୍କ ସମେତ ଏଚଏମଏସ୍, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ, ୟୁଟିୟୁସି ଓ ସ୍ୱାଧୀନ ଫେଡେରେସନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଶଙ୍କର ବଜାର ବ୍ୟବସାୟୀ ସଂଘ ପକ୍ଷରୁ ପ୍ରସାଦ ବଣ୍ଟନ

ବ୍ରହ୍ମପୁର,୪।୭(ସମିସ): ସ୍ଥାନୀୟ ଆସ୍କା ରୋଡ୍ ସ୍ଥିତ ଶଙ୍କର ମାର୍କେଟ ପକ୍ଷରୁ ଘୋଷଯାତ୍ର ଅବସରରେ ସାମୂହିକ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଭଗବାନ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା, ବ୍ରହ୍ମପୁର ବିଧାୟକଙ୍କ ମହାନଗର ନିଗମ ପ୍ରତିନିଧି ଅଶୋକ ଶୁକ୍ଳ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ ଜେନା, ବରିଷ୍ଠ ବୁଦ୍ଧିଜୀବୀ ଭାଗୀରଥି ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଯୁବନେତା ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ଜଗନ୍ନାଥ ସାହୁ, ଏମ୍. କାଶୀନାଥ, ବରିଷ୍ଠ ସଦସ୍ୟ ରାମହରି ସାହୁ, ବାବୁଲା ସାହୁ, ସଦାନନ୍ଦ ଗୌଡ, ବି. ରାଜା ପାତ୍ର, ଶଙ୍କର ଗୌଡ ଓ ନୀଳମଣି ରାଉତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।




### ଗଞ୍ଜାମ ଜିଲ୍ଲା ଫୁଟ୍‌ବଲ୍ ଲିଗ୍-୨୦୨୫

# ପଦ୍ମନାଭପୁର 'ଗ୍ରୀନ୍ ଚିଲି' ଓ ବ୍ରହ୍ମପୁର 'ବାରାକ୍ସ' ବିଜୟୀ

ବ୍ରହ୍ମପୁର,୪।୭(ସମିସ)



ଗଞ୍ଜାମ ଜିଲ୍ଲା ଫୁଟବଲ ଲିଗର ଶୁକ୍ରବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ଗ୍ରୀନ ଚିଲି ପଦ୍ମନାଭପୁର ଫୁଟବଲ କ୍ଲବ ବନାମ ନାଇଟ୍ ଫୁଟବଲ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଗ୍ରୀନ ଚିଲି ପଦ୍ମନାଭପୁର (୪-୦)ରେ ନାଇଟ୍ କ୍ଲବକୁ ପରାସ୍ତ କରିଥିଲା। ସେହିଭଳି ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ବାରାକ୍ସ କ୍ଲବ ବନାମ ପତିତପାବନ ସଙ୍ଘ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପତିତପାବନ ସଙ୍ଘ ଦଳକୁ ବାରାକ୍ସ ଦଳ (୪-୧) ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଉଭୟ ମ୍ୟାଚର ରେଫେରୀ ଭାବେ ଭିନସେଣ୍ଟ ଦାସ, ରମେଶ ଚନ୍ଦ୍ର ବେହେରା, ଅଭିମନ୍ୟୁ ବେହେରା, ରମାକାନ୍ତ ବିଷୋୟୀ ଓ ଗୋପାଳ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ଶୁକ୍ରବାର ଆୟୋଜିତ ଉଭୟ ମ୍ୟାଚରେ ପୂର୍ବତନ ତଥା ବରିଷ୍ଠ ଫୁଟବଲ ଖେଳାଳୀମାନେ ଯଥା ଏଲ. କେ. ରାଓ ରେଡି, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଗନ୍ତାୟତ, ରାଜେନ୍ଦ୍ର ଗନ୍ତାୟତ, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ. ପାତ୍ର ଓ ଜି.ଏମ. ବାବୁ ପ୍ରମୁଖ ଉପସ୍ଥିତ ରହି ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଉଭୟ ମ୍ୟାଚ ଶାନ୍ତିପିର୍ଣ୍ଣ ଭାବେ ଆୟୋଜିତ ହୋଇଥିବା ବେଳେ ଏହାକୁ ବହୁ ସଂଖ୍ୟାରେ ଫୁଟବଲ ଖେଳାଳୀ ଓ ପ୍ରେମୀ ଉପଭୋଗ କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ପ୍ରକାଶ କରିଛନ୍ତି।

# ଧୋକ୍କା ଦେଲା ସରକାରୀ ବିହନ; ଚିନ୍ତାରେ ଚାଷୀ

## ନିମ୍ନମାନର ବିହନ ଯୋଗୁଁ ଗଜା ହେଉନି

ଫିରିଙ୍ଗିଆ, ୪।୭ (ସମିସ)



କିଛିଦିନ ହେବ କନ୍ଧମାଳ ଜିଲ୍ଲାରେ ଲଗାଣ ବର୍ଷା ଲାଗିରହିଛି। ଦିନ ଗଡ଼ି ଯାଉଥିବା ବେଳେ ଚାଷୀ ମନରେ ଚିନ୍ତା ବଢ଼ିବାରେ ଲାଗିଛି। ଚାଷୀ ବର୍ଷା ପରେ ଖୁସିରେ ଚାଷ ଆରମ୍ଭ କରି ଧାନ ଚାଷ କରିବାକୁ ଆଶା ରଖିଥିଲା ତାହା ଏବେ ନିରାଶାରେ ପରିଣତ ହେଉଛି। କାରଣ ଲ୍ୟାମ୍ପସ ତରଫରୁ ସରକାରୀ ଧାନ ବିହନ କିଣି ଏବେ ହରଡ଼ ଘଣାରେ ପଡ଼ିଛନ୍ତି ଚାଷୀ। ତଳି ପାଇଁ ଆଣିଥିବା ବିଭିନ୍ନ ଧାନ ବିହନ ବିଲରେ ତଳି ଘେରା କରି ବୁଣିବା ପରେ ଠିକ ଭାବରେ ଗଜା ହୋଇନାହିଁ। ଅଳ୍ପ କିଛି ଧାନ ଗଜା ଉଠିଛି ଯାହାକୁ ନେଇ ଚାଷୀ ବର୍ତ୍ତମାନ କିଭଳି ଧାନ ଚାଷ କରିବେ ଚିନ୍ତାରେ ପଡ଼ିଛନ୍ତି। ଫିରିଙ୍ଗିଆ ଲ୍ୟାମ୍ପସରୁ ଫିରିଙ୍ଗିଆ ବ୍ଲକର ଅଧିକାଂଶ ଚାଷୀ ଧାନ ବିହନ କିଣି ବିଲରେ ତଳି ପକାଇଥିଲେ। ବିହନ ଠିକରେ ଗଜା ହେଉନଥିବା ଏବଂ ତଳି ଉଠିନଥିବା ଅଭିଯୋଗ କରିଛନ୍ତି ଚାଷୀ। ତଳି ନ ହେଉ ନଥିବାରୁ ପୁଣି ଥରେ ତଳି ପକାଇବାକୁ ଚାଷୀ ବିହନ କିଣିବାକୁ ବ୍ୟବସ୍ଥା କରୁଛନ୍ତି। ଦେଶୀ ଧାନକୁ ଛାଡିଦେଲେ ସରକାରଙ୍କ ତରଫରୁ ଯୋଗାଯାଇଥିବା ଧାନରୁ ତଳି ନ ଉଠିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ରଥଯାତ୍ରା ପୂର୍ବରୁ କିମ୍ବା ବାହୁଡା ଭିତରେ ପ୍ରାୟ ଅଧିକାଂଶ ଚାଷୀ ଧାନ ଚାଷ ଆରମ୍ଭ କରୁଥିବା ବେଳେ ଚଳିତ ବର୍ଷ ବର୍ଷା ହୋଇଥିଲେ ମଧ୍ୟ ତଳି ଅଭାବରୁ ଅଧିକାଂଶ ବିଲ ପଡ଼ିଆ ପଡ଼ିବା ଆଶଙ୍କା କରିଛନ୍ତି ଚାଷୀ। ଏହି ଘଟଣା ନେଇ ସ୍ଥାନୀୟ ଲ୍ୟାମ୍ପସ ଦାୟିତ୍ୱରେ ଥିବା ଏମଡି କିଷାନ ଦିଗାଲଙ୍କୁ ପଚାରିବାରୁ ପରୀକ୍ଷା କରି ଧାନ ବିକ୍ରୟ କରାଯାଇଛି। ସରକାର ଯାହା ଦେଉଛନ୍ତି ତାହା ଦିଆଯାଇଛି ବୋଲି କହିଛନ୍ତି।

ଏ ସମ୍ପର୍କରେ ଫିରିଙ୍ଗିଆ ଅତିରିକ୍ତ କୃଷି ଅଧିକାରୀ ସଞ୍ଜୟ କୁମାର ବାରିକଙ୍କୁ ପଚାରିବାରୁ ଚଳିତ ବର୍ଷ ଭଲ ବିହନ ଆସିଛି। ଏସମ୍ପର୍କରେ ଆମ ପଖକୁ ଅଭିଯୋଗ ଆସିନାହିଁ। ବର୍ଷା ଲାଗି ରହିଥିବାରୁ ପାଣି ଜମି ଏଭଳି ହୋଇ ଥାଇପାରେ ବୋଲି କହିଛନ୍ତି। ହେଲେ ଅଯଥା ଖର୍ଚ୍ଚାନ୍ତ ହୋଇ ପୁଣି ଥରେ ବିହନ କିଣି ବୁଣି ଚାଷୀ କେତେଦୂର ସଫଳ ହେବ ତାହାକୁ ନେଇ ଆଶଙ୍କା ପ୍ରକାଶ ପାଉଛି। ଠିକ ଭାବରେ ଧାନ ବିହନ ତଳି ଉଠିନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିବା ବେଳେ କୃଷି ବିଭାଗ ଅଧିକାରୀ ଯୋଗାଇଥିବା ବିହନର ମାନ ନେଇ ତଦନ୍ତ ଜରୁରୀ ହୋଇ ପଡ଼ିଛି ବୋଲି କୁହାଯାଇଛି।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

ଜି.ଉଦୟଗିରି, ୪।୭ (ସମିସ): ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଅଧ୍ୟାପକ, ଅଧ୍ୟାପିକା ଓ ଅଭିଭାବକ ମାନଙ୍କର ଏକ ସମ୍ମିଳନୀ ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ଦୁଇ ଛାତ୍ରୀଙ୍କ ଅଭିଭାବକ ଯୋଗ ଦେଇ ଅନୁଷ୍ଠାନର ପାଠ ପଢ଼ାକୁ ପ୍ରଶଂସା କରିଥିଲେ। ସେଥିପାଇଁ ଯୁକ୍ତ ଦୁଇ କଳା ପରୀକ୍ଷାରେ ଅଧିକ ଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ ହେବା ସହ ପରୀକ୍ଷା ଫଳ ମଧ୍ୟ ଭଲ ହେଉଛି ବୋଲି କହିଥିଲେ। ଅଧ୍ୟାପିକା ଡ଼.ବବିତା ରାଣୀ ପଟ୍ଟନାୟକ, ଅଧ୍ୟାପିକା ମିନତୀ ଦାଶ, ଅଧ୍ୟାପିକା ସୁଧାରାଣୀ ପାତ୍ର, ଅଧ୍ୟାପିକା ସସ୍ମିତା ଦାଶ ଛାତ୍ରୀଙ୍କ ସାମୂହିକ ବିକାଶ ପାଇଁ ଅଧ୍ୟାପିକା, ଅଧ୍ୟାପକ ଓ ଅଭିଭାବକଙ୍କ ମିଳିତ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପିକା ଡ଼.ବବିତା ରାଣୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କଳ୍କୀ ଅବତାରରେ ତିନି ଠାକୁର



ପାରଳାଖେମୁଣ୍ଡି, ୪।୭ (ସମିସ): ପାରଳାଖେମୁଣ୍ଡି ରଥଯାତ୍ରାରେ ଆଜି ତିନି ଠାକୁର କଳକୀ ଅବତାରରେ ଦର୍ଶନ ଦେଇଛନ୍ତି। ଏହାକୁ ଦେଖିବାକୁ ପୂର୍ବଦିନ ତୁଳନାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମୀନାବଜାର ଓ ଅନ୍ୟାନ୍ୟ ଦୋକାନ ଗୁଡିକରେ ମଧ୍ୟ ପ୍ରବଳ ଭିଡ଼ ଜମିଥିଲା। ସେହିପରି ଆଜି ଗୁଣ୍ଡିଚାବାଡ଼ି ପରିସରରେ ଥିବା ଆନନ୍ଦ ବଜାରରେ ସ୍ୱତନ୍ତ୍ର ଭାବେ ମାଗଣା ଅନ୍ନପ୍ରସାଦ ସେବନର ବ୍ୟବସ୍ଥା ରଥଯାତ୍ରା କମିଟି ତରଫରୁ କରାଯାଇଥିଲା।

**ଜି.ଉଦୟଗିରି:** ଜି.ଉଦୟଗିରିରେ ନବ ଦିନାତ୍ମକ ଯାତ୍ରାରେ ବାହାରି ତିନି ଠାକୁର ଆଡପ ମଣ୍ଡପରେ ପୂଜା ପାଉଥିବା ବେଳେ ଆଜି କଳକୀ ଅବତାରରେ ଦର୍ଶନ ଦେଇଛନ୍ତି। ଏହି ବେଶକୁ ଦର୍ଶନ କରିବାକୁ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଆସନ୍ତାକାଲି ବାହୁଡ଼ା ଯାତ୍ରା ଥିବାବେଳେ ଆଜି ସନ୍ଧ୍ୟା ଦର୍ଶନ ପାଇଁ ପରିଚାଳନା କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



## ଭାରସାମ୍ୟ ହରାଇ ଓଲଟିଲା କାର୍; ୩ ଆହତ

ମୋହନା, ୪।୭ (ସମିସ): ଗଜପତି ଜିଲ୍ଲା ଅଡବା ଥାନା ଖାରୀଗୁଡା ନିକଟସ୍ଥ ଭୀମଦଲି ଘାଟିରେ ଏକ କାର୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଏଥିରେ ବସିଥିବା ବାପା, ମା ଏବଂ ଝିଅ ଆହତ ହୋଇଛନ୍ତି। ରାୟଗଡ଼ା ଜିଲ୍ଲା ରାମନାଗୁଡାର ଶିବ ପ୍ରସାଦ ଝିଅ ଏବଂ ସ୍ତ୍ରୀଙ୍କ ସହ ଖୋର୍ଦ୍ଧା ଯାଉଥିବା ବେଳେ ଭୀମଦଲି ଘାଟିରେ ଏକ ବସ୍‌କୁ ସାଇଡ୍ ଦେବାବେଳେ କାର୍ ରାସ୍ତା ପାର୍ଶ୍ୱର ୧୦ ଫୁଟ ତଳକୁ ଖସିଯାଇଥିଲା। ମୋହନା ଅଗ୍ନିଶମ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

## ଦୁଇ ଚୋରକୁ ଧରି ନିର୍ଦ୍ଧୁମ୍ ଛେଚିଲେ ଗାଁ ଲୋକେ



ଫିରିଙ୍ଗିଆ, ୪।୭ (ସମିସ): ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ବାଳନ୍ଦାପଡ଼ା ଫାଣ୍ଡି ଅଧୀନ ସର୍ତ୍ତାଗୁଡା ଗାଁକୁ ବୁଧବାର ବିଳମ୍ବିତ ରାତିରେ ଚାରି ବାଇକରେ ପ୍ରାୟ ୫ରୁ ୬ଜଣ ଅଜଣା ଦୁର୍ବୃତ୍ତ ଆସି ବିଭିନ୍ନ ଲୋକଙ୍କ ଘରେ ପଶିବାକୁ ଚେଷ୍ଟା କରିଥିଲେ। ଗାଁ ଲୋକେ ଏକଜୁଟ ହୋଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ୪ଜଣ ବାଇକ ଛାଡି ଫେରାର ହୋଇଯାଇଥିବା ବେଳେ ୨ ଜଣଙ୍କୁ ଗ୍ରାମବାସୀ କାବୁ କରିଥିଲେ। ଧରାପଡ଼ିଥିବା ୨ ଜଣଙ୍କୁ ଗ୍ରାମବାସୀ ନିର୍ଦ୍ଧୁମ୍ ଛେଚି ଧମକ ଚମକ ଦେବାରୁ ସେମାନେ ସତ କଥା କହି ଡକାୟତି କରିବା ପାଇଁ ଆସିଥିବା ସ୍ୱୀକାର କରିଥିଲେ। ଗୁରୁବାର ସକାଳୁ ଧରାପଡ଼ିଥିବା ଦୁଇ ଚୋରଙ୍କୁ ଗ୍ରାମବାସୀ ପୁଲିସ ଜିମା ଦେଇଥିଲେ। ଧରାପଡ଼ିଥିବା ଦୁଇ ଚୋର ବଲାଙ୍ଗୀର ଜିଲ୍ଲାର ବୋଲି ଜଣାପଡ଼ିଛି। ଖବର ଲେଖାହେବା ବେଳକୁ କୌଣସି ମାମଲା ରୁଜୁ ହୋଇନଥିବାବେଳେ ପୁଲିସ ତଦନ୍ତ ଚଳାଇଛି।

## ଗୁଟିଙ୍ଗିଆ ସଂରକ୍ଷିତ ଜଙ୍ଗଲାଞ୍ଚଳରେ ବନମହୋତ୍ସବ



ଟିକାବାଲି, ୪।୭ (ସମିସ): ଟିକାବାଲି ବ୍ଲକ କ.ନୂଆଗାଁ ବନାଞ୍ଚଳ ଅଧିନ ଗୁଟିଙ୍ଗିଆ ସଂରକ୍ଷିତ ଜଙ୍ଗଲାଞ୍ଚଳରେ ବନମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ନିର୍ମଳ କହଁର ଓ ସମ୍ମାନୀତ ଅତିଥି ଭାବେ ଟିକାବାଲି ବ୍ଲକ ପ୍ରକୃତି ପ୍ରେମୀ ଶିକ୍ଷୟିତ୍ରୀ ତନୁରେଖା ନାୟକ ଯୋଗ ଦେଇଥିଲେ। କୁଇ ସମାଜ ସଭାପତି ସୁକାନ୍ତ କହଁର, ୱାର୍ଡସଭ୍ୟ ସରୋଜିନୀ କହଁର, ପାବୁରିଆ ବନପାଳ ମନୋଜ କୁମାର ଝା, ବନରକ୍ଷୀ ପ୍ରତାପ ବେହେରା, କସ୍ତୁରୀ କହଁର, ନୀଳେନ୍ଦ୍ରି ନାୟକ, ବିଭୁରଞ୍ଜନ ସାମନ୍ତରାୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାହାଡ଼ର ଡିଇଓ ନିତ୍ୟାନନ୍ଦ ବେହେରା, ପ୍ରକୃତିବନ୍ଧୁ ଶିକ୍ଷକ ଦୈତାରୀ ଡିଗାଲଙ୍କ ସମେତ ଅନେକ ଗ୍ରାମବାସୀ ମିଳିତ ଭାବେ ଚାରାରୋପଣ କରିଥିଲେ। ଗ୍ରାମବାସୀଙ୍କୁ ମାଗଣା ଚାରା ବଣ୍ଟନ କରାଯାଇଥିଲା।

## ନିଶା କାରବାର ବନ୍ଦ ପାଇଁ କୁଇସମାଜ ସେବା ସମିତିର ଦାବିପତ୍ର

ଚକାପାଦ, ୪।୭ (ସମିସ): ଚକାପାଦ ବ୍ଲକ ବାରକୋଷ ଶାଖା କୁଇ ସମାଜ ସେବା ସମିତି ପକ୍ଷରୁ ନିଶା କାରବାର ବନ୍ଦ ପାଇଁ ଚକାପାଦ ଥାନା ଅଧିକାରୀ ଲଳିତ ମୋହନ ସାଗର, ଜିଲ୍ଲା ଅବକାରୀ ବିଭାଗ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ତଥା ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚକାପାଦ ଅଞ୍ଚଳର ବିଭିନ୍ନ ସ୍ଥାନରେ ଖୋଲା ଖୋଲି ଭାବେ ଦେଶୀ ଓ ବିଦେଶୀମଦ କାରବାର ହେଉଛି। ପ୍ରସିଦ୍ଧ ତ୍ରିଶମ୍ଭୁ ବିରୁପାକ୍ଷ ଶୈବ ପୀଠ ପଡ଼ିଆ, ବିଦ୍ୟାଳୟ ପରିସର, ଚାଷ ଜମି, ବିଭିନ୍ନ ପଡ଼ିଆରେ ମଦ୍ୟପ ମଦ୍ୟପାନ କରି ଚାରିଆଡେ କାଚ ବୋତଲ ଭାଙ୍ଗି ପକାଇବାରୁ ଦୁର୍ଘଟଣା ବଢ଼ିବା ସହ ଅପାରାଧ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସମିତି ପକ୍ଷରୁ ତୁରନ୍ତ ନିଶା କାରବାର ବନ୍ଦ କରିବାକୁ ବାରକୋଷ ସମାଜ ସଭାପତି ଗୟାଧର କହଁର ଓ ସମ୍ପାଦକ ନରୋତ୍ତମ ପ୍ରଧାନଙ୍କ ସହ ଜନସାଧାରଣ ଦାବି କରିଛନ୍ତି।

## ରାଇକିଆ ବନାଞ୍ଚଳରେ ବନ ମହୋତ୍ସବ

## ସବୁଜିମାରେ ଭରିବ ଲଣ୍ଡା ପାହାଡ଼



ରାଇକିଆ, ୪।୭ (ସମିସ): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଲଣ୍ଡା ପାହାଡ଼କୁ ସବୁଜମୟ କରିବାକୁ ଆରମ୍ଭ ହୋଇଛି ପ୍ରୟାସ। ଶୁକ୍ରବାର କିଲୁଣ୍ଡି ଲଣ୍ଡା ପାହାଡର ୧୦ ହେକ୍ଟର ଜମିରେ ୧୬ ହଜାର ଚାରାରୋପଣ କାର୍ଯ୍ୟ ଆରମ୍ଭ ହୋଇଛି। ରେଞ୍ଜର ଯୁଧିଷ୍ଠିର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ଡିଏଫ୍‌ଓ ପ୍ରତାପ କାଟାପଲି, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସତ୍ୟବାନ୍ ପାତ୍ର, ବିଧାୟକ ପ୍ରତିନିଧି ତାରିଣୀ ପରିଚ୍ଛା ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ପରିବେଶ ସୁରକ୍ଷା ପାଇଁ ଉପସ୍ଥିତ କଲେଜ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ଟଙ୍କାରେ ଚାରାବିତରଣ ପାଇଁ ବ୍ୟବହୃତ ଯାନର ଶୁଭାରମ୍ଭ କରଯାଇଥିଲା। କାର୍ଯ୍ୟକ୍ରମକୁ ଫରେଷ୍ଟର ଉସତ୍ କହଁର, ଫରେଷ୍ଟଗାର୍ଡ ଅଙ୍ଗଦ ଦିଗାଲ, ଲିଲି ମଲ୍ଲିକ, ମୁକ୍ତାଞ୍ଜଳି ବେହେରା, ଉର୍ମିଳା ପ୍ରଧାନ ଓ ଟିଏଲ୍ ସଞ୍ଜୟ ମହାପାତ୍ର ପରିଚାଳନା କରିଥିଲେ।

## ସିୟୁଟିଏମ୍ ଛାତ୍ରଙ୍କ ଚାରାରୋପଣ ଓ ସଚେତନତା



ପାରଳାଖେମୁଣ୍ଡି, ୪।୭ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତ ଦେବୀତି ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିୟୁଟିଏମର ଏମ୍‌ଏସ୍ ସ୍ୱାମୀନାଥନ୍ ସ୍କୁଲ ଅଫ୍ ଏଗ୍ରିକଲ୍‌ଚର ଛାତ୍ରଙ୍କ ଦ୍ୱାରା ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ପଣ୍ଡା, ପୂର୍ବତନ ସରପଞ୍ଚ ଆର୍.ଦିବାକର, କୃଷି ବିଦ୍ୟାଳୟର ଡ. ଡି. ଶରତ କୁମାର, ଡ. ଅଜୟ କୁମାର ପୃଷ୍ଟି ଓ ଡ. ବିଭୂତିଭୂଷଣ ସାହ ଯୋଗଦେଇ ୩୦ ପ୍ରକାରର ଚାରାରୋପଣ କରି ଉପସ୍ଥିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଏହାର ଉପକାରିତା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ସ୍ଥାନୀୟ ଅଙ୍ଗବାଡିକର୍ମୀ, ଗ୍ରାମର ଚାଷୀବୃନ୍ଦ, ଗ୍ରାମବାସୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସେଞ୍ଚୁରିୟନ ବିଶ୍ୱ ବିଦ୍ୟାଳୟର ବିଏସ୍.ସି. ଏଗ୍ରିକଲ୍‌ଚରର ଚତୁର୍ଥ ବର୍ଷ ଅନର୍ସ ଛାତ୍ର ଗଗନ ସରିନ୍, ଗୌରବ ନାୟକ, ସଂଗ୍ରାମ ଶେଖର ମାଇଟି ଓ ସୌରଭ ବଳ ପରିଚାଳନା କରିଥିଲେ।

● ପିକରଡ଼ି ପଞ୍ଚାୟତରେ ମଡେଲ ସାମାଜିକ ସମୀକ୍ଷା ଗ୍ରାମସଭା

## ଆରମ୍ଭ ହେଲା 'ପଞ୍ଚାୟତ ନିର୍ଣ୍ଣୟ' ଆପ୍

ଟିକାବାଲି, ୪।୭ (ସମିସ): ଟିକାବାଲି ବ୍ଲକ ପିକରଡ଼ି ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପଞ୍ଚାୟତରେ ନିର୍ଣ୍ଣୟ ଆପ୍ ଆରମ୍ଭ କରାଯାଇଥିଲା। ପିକରଡ଼ି ପଞ୍ଚାୟତକୁ ମଡେଲ ପଞ୍ଚାୟତ ଭାବରେ ନେଇ ଆଜି ଏହି ଗ୍ରାମ ସଭାରେ ପଞ୍ଚାୟତ ନିର୍ଣ୍ଣୟ ଆପ୍‌କୁ ଆରମ୍ଭ କରାଯାଇଛି। ଏହା ବ୍ୟତୀତ ଏହି ମଡେଲ ସାମାଜିକ ସମୀକ୍ଷା ଗ୍ରାମସଭାରେ ଗତ ଜୁନ ୧୯ରୁ ୩ ଜୁଲାଇ ମଧ୍ୟରେ ପଞ୍ଚାୟତ ସାମାଜିକ ସମୀକ୍ଷିକାଙ୍କ ଦ୍ୱାରା ପିକରଡ଼ି ପଞ୍ଚାୟତରେ କରାଯାଇଥିବା ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସମୀକ୍ଷାର ଘୋଷଣା କରାଯିବା ସହିତ କେତେକ ଅଭିଯୋଗର ମଧ୍ୟ ଶୁଣାଣି କରାଯାଇଥିଲା। ଏହି ସମୀକ୍ଷାରେ ଲାଇନ ଡିପାର୍ଟମେଣ୍ଟ ଦ୍ୱାରା କରାଯାଇଥିବା ବିଭିନ୍ନ ମନରେଗା କାର୍ଯ୍ୟରେ ସୂଚନା ଫଳକ ଲାଗିନଥିବା, ପୂର୍ବରୁ ହୋଇଥିବା ଉଦ୍ୟାନ କୃଷିରେ ୮୦ ପ୍ରତିଶତ ଫଳ ଗଛ ନଥିବା, ରାସନ କାର୍ଡରେ ନାମ ସଂଯୋଗ, ନୂଆରାସନ କାର୍ଡ ପଞ୍ଜୀକୃତ ଭଳି ବିଭିନ୍ନ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ ହୋଇଥିଲା। ବିଭାଗୀୟ ଅଧିକାରୀମାନେ ଏହି ସମସ୍ୟା ଗୁଡ଼ିକୁ ଯଥାଶୀଘ୍ର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସାମାଜିକ ସମୀକ୍ଷା ସଚେତନତା ରାଲି ମାଧ୍ୟମରେ ପିକରଡ଼ି ଗାଁ ପରିକ୍ରମା କରାଯାଇଥିଲା। ଗ୍ରାମସଭାରେ ମୁଖ୍ୟଅତିଥି ଭାବରେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ଯୋଗ ଦେଇଥିବା ବେଳେ ସରକାରୀ ମୁଖ୍ୟା ଭାବରେ ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ମଳିକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରୁଦ୍ର ନାରାୟଣ ମାଝୀ, ସ୍ଥାନୀୟ ସରପଞ୍ଚ ରୁବି ପ୍ରଧାନ, ବ୍ଲକ ସାମାଜିକ ସମୀକ୍ଷକ ପ୍ରଫୁଲ ପ୍ରଧାନ, ଏପିଓ ଅନୁରାଧା ମଳିକ, ବ୍ଲକର ସମସ୍ତ ବିଭାଗୀୟ କର୍ମଚାରୀଙ୍କ ସମେତ ସମସ୍ତ ସାମାଜିକ ସମୀକ୍ଷିକା କର୍ମୀ ମାନେ ଉପସ୍ଥିତ ଥିଲେ। ଏମ ଆଇ ଅଞ୍ଜନ ଦିଗାଲଙ୍କୁ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷକ ଭାବରେ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା।




## ରକ୍ତଦାନ ଶିବିର; ୯୦ ୟୁନିଟ ସଂଗୃହୀତ




ଜି.ଉଦୟଗିରି, ୪।୭ (ସମିସ): ଯୁବ ସମାଜସେବୀ ନିତ୍ୟସୁନ୍ଦର ଦାସଙ୍କ ଜନ୍ମ ଦିନ ଅବସରରେ ସ୍ଥାନୀୟ ଟାଉନ୍ ହଲରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଫୁଲବାଣୀ ରକ୍ତଭଣ୍ଡାର କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ରକ୍ତ ସଂଗ୍ରହ ଭ୍ୟାନ ସହ ଏକ ଡାକ୍ତରୀ ଦଳ ଡା. ପାର୍ଥ ସାରଥୀ ବେହେରା, ପ୍ରଶାନ୍ତ କୁମାର ରତ୍ନାଲୁ, ସାକେତ ରାଣୀ ନାୟକ, ରଶ୍ମିତା ନାୟକ, ବରୁଣ ବେହେରା ଓ ଜ୍ୟୋତି ରଞ୍ଜନ ପୃଷ୍ଟି ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୯୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାଉନସିଲର ଯାକେଶ କୁମାର ପ୍ରଧାନ, ହିମାଂଶୁ ଶେଖର ସାହୁ, ଆତିଶ ସାହୁ, ଦେବବ୍ରତ ସାହୁ, ଜଗନ୍ନାଥ ରଥ, ସୂର୍ଯ୍ୟ ପାତ୍ର, ସଚିନ ପ୍ରଧାନ, ପ୍ରିୟା ପ୍ରଧାନ ଓ ମୋନାଲିସା ସାହୁ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଗୋଷାଣି, ୪।୭ (ସମିସ): ଚଳିତ ମାଟ୍ରିକ୍ ପରୀକ୍ଷାରେ ଗଜପତି ଜିଲ୍ଲାର ତୃତୀୟ ଟପର୍ କେ.ଶିବଆଞ୍ଜନେୟ ରାଓଙ୍କୁ ଆନ୍ଧ୍ରର ରାମରାଜୁ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପୁରସ୍କୃତ କରାଯାଇଛି। ଗୋଷାଣି ବ୍ଲକ ଗୁରାଣ୍ଡିରେ ଥିବା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ବି କେ. ଧନଞ୍ଜୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମରାଜୁ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ପାରାସେଲି ରାମରାଜୁ ଯୋଗଦେଇ ପୁରସ୍କୃତ କରିଥିଲେ। ଚଳିତ ବର୍ଷ କେ.ଶିବଆଞ୍ଜନେୟ ରାଓ ୫୫୯ ନମ୍ବର ରଖି 'ଏ-୧' ଗ୍ରେଡ୍ ହାସଲ କରି ଜିଲ୍ଲାର ତୃତୀୟ ଟପ୍ପର ହୋଇଥିଲେ। ଏହି ଅବସରରେ ଶିବଆଞ୍ଜେନେୟଙ୍କ ମା କେ.ନିର୍ମଳାଙ୍କ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚପଳା କୁମାରୀ ଜେନା, ସସ୍ମିତା କୁମାରୀ ଜେନା, ଶିକ୍ଷକ ଏଲ୍. ମୁକୁନ୍ଦ ରାଓଙ୍କ ସମେତ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ଝାଟିମାଟି ଘରେ ରେବତୀ; ଆବାସ ପାଇଁ ଗୁହାରି



ଫିରିଙ୍ଗିଆ, ୪।୭ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଆଜି ପର୍ଯ୍ୟନ୍ତ ଅନେକ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ଏଭଳି ଜଣେ ହିତାଧିକାରୀ ହେଉଛନ୍ତି ଭୁଙ୍ଗିଯୋଡି ପଞ୍ଚାୟତର ତ୍ରିପୁର କହଁରଙ୍କ ସ୍ତ୍ରୀ ରେବତୀ କହଁର। ଦୀର୍ଘବର୍ଷ ଧରି ଅସହାୟ ଅବସ୍ଥାରେ ସେ ଦିନ କାଟୁଛନ୍ତି। ନିଜର ଘର ନାହିଁ କି, ଜମିବାଡ଼ି ବି ନାହିଁ। ମୂଲ ଲାଗିଲେ ପରିବାର ଚଳେ। ସ୍ୱାମୀ-ସ୍ତ୍ରୀ ଦୁହେଁ ନିଜ ସମ୍ପର୍କୀୟଙ୍କ ଘର ପାଖରେ ଏକ ମାଟି ଘର କରି ରହି ଆସୁଛନ୍ତି। ଘରର ଅବସ୍ଥା ବହୁତ ଖରାପ ଥିବାରୁ ପୁରୁଣା ଆଜବେଷ୍ଟସ କେତେ ଖଣ୍ଡ ପକାଇ ରହୁଛନ୍ତି। ଅଧିକ ବର୍ଷା ହେଲେ ସେଥିରୁ ପାଣି ଗଳୁଛି। ନିଜର ଜାଗାବାଡ଼ି ନଥିବା ବେଳେ ଅନ୍ୟ ସମ୍ପର୍କୀୟଙ୍କ ସ୍ଥାନରେ ମାଟି ଘରେ ବହୁ କଷ୍ଟରେ ଚଳୁଛନ୍ତି। ସରକାରଙ୍କୁ ଜାଗା ଖଣ୍ଡେ ଯୋଗାଇଦେବାକୁ ନିବେଦନ କରିବା ସହ ଲିଖିତ ଭାବରେ ଜଣାଇଛନ୍ତି। ତୁରନ୍ତ ଆବାସ ଯୋଜନା ମାଧ୍ୟମରେ ଘର ଖଣ୍ଡିଏ ଯୋଗାଇ ଦେଲେ ଅନ୍ତତଃ ସେ ଭଲରେ ରହି ପାରନ୍ତେ ବୋଲି କହିଛନ୍ତି ରେବତୀ। ତୁରନ୍ତ ରେବତୀଙ୍କୁ ଆବାସ ଗୃହ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ହାତୀବାଲିରେ ହାତୀ

## ଫରେଷ୍ଟ ଟ୍ରେନିଂ ସ୍କୁଲ୍ ଗେଟ୍ ଭାଙ୍ଗିଲା

ଜି.ଉଦୟଗିରି, ୪।୭ (ସମିସ)



କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକରେ ହାତୀ ଉପଦ୍ରବ ନିଦ ହଜାଇ ଦେଇଛି। ଏବେ ଧୀରେ ଧୀରେ ସହରରେ ପଶିବା ଆରମ୍ଭ ଚରିଛି ହାତୀ। ସହରର ଗୋଟିଏ ପଟେ ପଦାସାହି ଆଖପାଖରେ ହାତୀ ରହୁଥିବା ବେଳେ ଅନ୍ୟପଟେ ଏବେ ହାତୀବାଲି ଅଞ୍ଚଳରେ ହାତୀ ବୁଲୁଥିବା ଦେଖି ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ପୂର୍ବେ ହାତୀ ରହୁଥିବା ଯୋଗୁଁ ହାତୀବାଲି ହୋଇଥିବା ଏହି ନାମକୁ ଯଥାର୍ଥ କରିଛନ୍ତି ଏବେ ହାତୀ। ଗୁରୁବାର ରାତିରେ ଏହି ଅଞ୍ଚଳରେ ହାତୀ ବୁଲୁଥିବା ବେଳେ ରାତି ୩ ଟାରେ ଫରେଷ୍ଟ ଟ୍ରେନିଂ ସ୍କୁଲ ଆଗ ପଟ ଗେଟ୍ ଲୁହା ଗ୍ରୀଲକୁ ଗୋଡରେ ଆଡେଇ ଗୋଟିଏ ହାତୀ ଭିତରେ ପଶି ପଛପଟେ ଥିବା ନର୍ସରୀ ଗେଟ ଭାଙ୍ଗି ମାଳିକପଡ଼ି ଜଙ୍ଗଲକୁ ଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଫରେଷ୍ଟ ଟ୍ରେନିଂ ସ୍କୁଲରେ ବିଶେଷ କିଛି କ୍ଷୟକ୍ଷତି ହୋଇନଥିବା କହିଛନ୍ତି ଟ୍ରେନିଂ ସ୍କୁଲ କର୍ତ୍ତୃପକ୍ଷ। କିନ୍ତୁ ଟ୍ରେନିଂ ସ୍କୁଲ ନିକଟରେ ଏକ ଅଟୋ ଅଳ୍ପକେ ବର୍ତ୍ତିଯାଇଛି। ହାତୀ ଟ୍ରେନିଂ ସ୍କୁଲ ଗେଟ ଭିତରେ ପଶିଲା ପରେ ଫରେଷ୍ଟ କଲୋନୀରୁ ସାଙ୍ଗେ ସାଙ୍ଗେ ଏକ ଅଟୋ ବାହାରୁଥିବା ସିସି କ୍ୟାମେରା ରେକଡିଂରୁ ଜଣାପଡ଼ିଛି। ଟ୍ରେନିଂ ସ୍କୁଲ ତରଫରୁ ଲାଗିଥିବା ଏହି ସିସିଟିଭି ଫୁଟେଜ ଏବେ ଭାଇରାଲ ହେବାରେ ଲାଗିଛି। ଯାହାକୁ ଲୋକେ ଦେଖି ଆଶ୍ଚର୍ଯ୍ୟ ହେବା ସହିତ ଭୟଭୀତ ହୋଇଛନ୍ତି। ଆଜି ଜି. ଉଦୟଗିରି ବନ ବିଭାଗ ତରଫରୁ ଡାକବାଜି ଯନ୍ତ୍ରରେ ସହରରେ ଲୋକଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯିବା ସହିତ ରାତିରେ ବିଦ୍ୟୁତ କଟା ଯାଇଥିବା ବେଳେ ବାହାରେ ଚଳପ୍ରଚଳ ନକରିବା ପାଇଁ ଅନୁରୋଧ କରାଯାଇଛି।

## ସମ୍ପତ୍ତି ପାଇଁ ଗଣ୍ଡଗୋଳ, ୨ ଭାଇ ଗିରଫ

ଦିଗପହଣ୍ଡି,୪।୭(ସମିସ): ଦିଗପହଣ୍ଡି ଥାନା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଛଣମେରୀ ଗ୍ରାମରେ ସମ୍ପତ୍ତି ଭାଗ ବଣ୍ଟାକୁ କେନ୍ଦ୍ରକରି ସୂର୍ଯ୍ୟନାରାୟଣ ପ୍ରଧାନଙ୍କୁ ହତ୍ୟା ଉଦ୍ୟମ ମାମଲାରେ ପୁଲିସ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ସୁରେନ୍ଦ୍ର ପ୍ରଧାନ ଓ ପଞ୍ଚାନନ ପ୍ରଧାନ। ଛଣମେରୀ ଗ୍ରାମର ସୁନୀତା ପ୍ରଧାନଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ନିଜ ବଡ଼ ଭଣଜା ସୂର୍ଯ୍ୟଙ୍କୁ ଜମିବାଡ଼ି ଓ ଗ୍ରାମରେ ରହିଥିବା ମିଲର ଦାୟିତ୍ୱ ବୁଝାସୁଝା ନିମନ୍ତେ ଦିଆଯାଇଥିଲା। କିନ୍ତୁ ମାମୁଁଙ୍କ ସମ୍ପତ୍ତିକୁ ବଡ଼ଭାଇ ସୂର୍ଯ୍ୟ ମାଇଁର ଅଜାଣତରେ ହଡ଼ପ କରୁଥିବା ନେଇ ପୂର୍ବରୁ ବହୁବାର ଥାନାରେ ମାମଲା ହୋଇଥିଲା। ବର୍ତ୍ତମାନ ସୁଦ୍ଧା କୋର୍ଟରେ ଏକାଧିକ ମକଦ୍ଦମା ରହିଛି। ଗତ ଜୁନ୍ ୧୭ ଦିନ ସୂର୍ଯ୍ୟ ମିଲରୁ ଧାନ ବିକ୍ରୟ ନିମନ୍ତେ ଗାଡ଼ିରେ ଲୋଡ୍ କରୁଥିବାବେଳେ ମାଇଁ ସୁନିତା ଏବଂ ଦୁଇ ଭଣଜା ସୁରେନ୍ଦ୍ର ଓ ପଞ୍ଚାନନ ପହଞ୍ଚି ବାରଣ କରିଥିଲେ। ଯାହାକୁ ନେଇ ୩ ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ସୁରେନ୍ଦ୍ର ଓ ପଞ୍ଚାନନ ମିଶି ବଡ଼ଭାଇ ସୂର୍ଯ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ଚିକିତ୍ସାଧୀନ ରହିଥିବା ବେଳେ ପରଦିନ ସୂର୍ଯ୍ୟଙ୍କ ସ୍ତ୍ରୀ ନନ୍ଦିନୀ ଦିଗପହଣ୍ଡି ଥାନାରେ ଏତଲା ଦେବାରୁ ପୁଲିସ ମାମଲା ରୁଜୁକରିଛି। ସେହିପରି ସୁନିତାଙ୍କ ଏତଲା ଅନୁସାରେ ଥାନା କେସ୍ ନଂ ୨୧୫/୨୫ ପ୍ରକାରେ ପୃଥକ ମକଦ୍ଦମା ରୁଜୁ କରି ପୁଲିସ ତଦନ୍ତ ଚଳାଇଥିଲା। ଅନ୍ୟପକ୍ଷରେ ପୁଲିସ ଶୁକ୍ରବାର ଦୁଇ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

## ଗ୍ୟାସ୍ ସିଲିଣ୍ଡର ଲିକ୍ ହୋଇ କବାଟ ଜଳିଗଲା

ପାତ୍ରପୁର,୪।୭(ସମିସ): ପାତ୍ରପୁର ତହସିଲ ଅନ୍ତର୍ଗତ ବି. ନୂଆଗାଁ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ଶୁକ୍ରବାର ସନ୍ଧ୍ୟାରେ ରୋଷେଇ ଚାଲିଥିବାବେଳେ ଗ୍ୟାସ ଲିକ୍ ହୋଇ କବାଟ ଜଳିଯାଇଛି। ଗ୍ରାମର ପ୍ରମୋଦ ବେହେରାଙ୍କ ଘରେ ଏହି ଅଘଟଣ ଘଟିଛି। ଘରେ ସନ୍ଧ୍ୟାରେ ତାଙ୍କ ପତ୍ନୀ ରୋଷେଇ କରିବା ବେଳେ ଗ୍ୟାସ ଲିକ୍ ହୋଇଥିଲା। ସେ ପାଟି କରିବାରୁ ତୁରନ୍ତ ଗ୍ରାମର କିଛି ଲୋକ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତେବେ ସେତେବେଳକୁ କବାଟ ସହିତ ବିଦ୍ୟୁତ୍ ବୋର୍ଡ ଜଳିଯାଇଥିଲା।

## ଆନ୍ଦୋଳନକୁ ଓହ୍ଲାଇବ ଡ୍ରାଇଭର୍ ମହାସଂଘ

ବେଲଗୁଣ୍ଠା,୪।୭(ସମିସ): ବର୍ଷ ବର୍ଷ ଧରି ସରକାରଙ୍କ ଦ୍ୱାରା ପ୍ରତାରିତ ହେବା ପରେ ଆସନ୍ତା ୮ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେଇଛି ରାଜ୍ୟ ଡ୍ରାଇଭର୍ ମହାସଙ୍ଘ। ଏହି ଆନ୍ଦୋଳନରେ ବେଲଗୁଣ୍ଠା ବ୍ଲକ୍ ଡ୍ରାଇଭର ମହାସଂଘ ମଧ୍ୟ ସାମିଲ୍ ହେବାକୁ ଯାଉଥିବା ବେଲଗୁଣ୍ଠା ଡ୍ରାଇଭର ମହାସଂଘ ସଭାପତି ମଧୁସୂଦନ ଜେନା କହିଛନ୍ତି। ଆଜି ସୁଦ୍ଧା ସେମାନଙ୍କର ମୁଖ୍ୟ ଛଅଟି ଦାବି ପୂରଣ ହୋଇପାରି ନାହିଁ। ବର୍ତ୍ତମାନ ସରକାର ବଦଳି ଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନାହାଁନ୍ତି। ତେଣୁ ମହାସଂଘ ଆସନ୍ତା ୮ ତାରିଖରୁ ଷ୍ଟିଅରିଂ ଛାଡିବା ପାଇଁ ନିଷ୍ପତ୍ତି ନେଇଛି। ତେବେ ଡ୍ରାଇଭର ମାନଙ୍କ ଆନ୍ଦୋଳନରେ ଯଦି ଜନ ସାଧାରଣ କୌଣସି ସମସ୍ୟା ଭୋଗ କରନ୍ତି ତେବେ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ମହାସଂଘ ଚେତାବନୀ ଦେଇଛି।

## ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରର ସହଯୋଗରେ ପାରିବାରିକ କଳହର ସମାଧାନ



କୁକୁଡ଼ାଖଣ୍ଡି,୪।୭(ସମିସ): ଏକ ପାରିବାରିକ ବିବାଦର ଆପୋଷ ସମାଧାନ ହୋଇଛି ଗଞ୍ଜାମ ଜିଲ୍ଲାର ମଧ୍ୟସ୍ଥତା କେନ୍ଦ୍ର ଦ୍ୱାରା। ତାହାପୁଣି ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ଡ଼ଃ ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶ କ୍ରମେ ଏବଂ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ। ପେନେଲ ଓକିଲ ଶ୍ରୀ ଟି.କେ ରେଡ଼ୀଙ୍କ ମଧ୍ୟସ୍ଥତା ଦ୍ୱାରା, ଆଇନ ସେବା ପ୍ରାଧିକରଣର ମଧ୍ୟସ୍ଥତା କେନ୍ଦ୍ର ହେଉଛି ଏକ ମାତ୍ର ବିକଳ୍ପ। ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପଠାଯାଇଥିବା ଗୋଟିଏ ମାମଲାର ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ମଧ୍ୟସ୍ଥତା କେନ୍ଦ୍ର ଦ୍ୱାରା ଗୋଟିଏ ଉଜାଡି ଯାଇଥିବା ପରିବାରକୁ ଯୋଡ଼ାଯାଇପାରଛି। ପେନେଲ ଓକିଲ ଶ୍ରୀ ଟି.କେ ରେଡ଼ୀଙ୍କ ମଧ୍ୟସ୍ଥତାରେ ସମସ୍ୟାର ସମାଧାନ ହୋଇଛି। ଗତ ବୁଧବାର ଏହି ମାମଲାର ସମାଧାନ ହେବା ସହ ଦୁଇ ପରିବାର ପୁଣି ଏକ ହୋଇଛନ୍ତି।

ଖଲ୍ଲିକୋଟ ବଡ଼ଘାଟିରେ ଅଘଟଣ

# ଅଚଳ ହେଲା ଆମ୍ବୁଲାନ୍ସ; ଚାଲିଗଲା ଯୁବକଙ୍କ ଜୀବନ

ଖଲ୍ଲିକୋଟ,୪।୭(ସମିସ)

ଖଲ୍ଲିକୋଟ ଥାନା ବଡ଼ ଘାଟିରେ ଖରାପ ହୋଇଗଲା ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସ। ଅନ୍ୟ ଏକ ଆମ୍ବୁଲାନ୍ସ ଆସିବାରେ ହୋଇଥିଲା ଦିର୍ଘ ୩ଘଣ୍ଟାର ବିଳମ୍ବ। ପରେ ଉକ୍ତ ରୋଗୀଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର ବେଳେ ମା'ଆଗରେ ଛଟପଟ ହୋଇ ଅଧା ବାଟରେ ଚାଲିଗଲା ଭେଣ୍ଡା ପୁଅର ଜୀବନ। ଏମିତି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଖଲ୍ଲିକୋଟ ଅଞ୍ଚଳରେ।

ସୂଚନା ଅନୁଯାୟୀ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ଆଇତିପୁର ଗ୍ରାମର ନିରଞ୍ଜନ ମହାରଣାଙ୍କ ସାନ ପୁଅ ଶଙ୍କର ମହାରଣା (୧୯)। ସନ୍ଧ୍ୟାରେ ଘର ନିକଟରେ କ୍ରିକେଟ ଖେଳ ଦେଖୁଥିବା ସମୟରେ ହଠାତ ବଲଟି ତାଙ୍କ ପେଟରେ ବାଜିଥିଲା। କିଛି ସମୟ ପରେ ଶଙ୍କରଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ପରେ ପରିବାର ଲୋକେ ଗ୍ରାମରେ ଥିବା ଏକ କ୍ଲିନିକରେ ଶଙ୍କରଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। କିନ୍ତୁ ଶଙ୍କରଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସି ନଥିଲା। ପରେ ତାଙ୍କୁ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶଙ୍କରଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ରେଫର କରିଥିଲେ। ହେଲେ ବିଳମ୍ବିତ ରାତିରେ ୧୦୮ ଆମ୍ବୁଲାନ୍ସରେ ଶଙ୍କରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର ବେଳେ ହଠାତ ଖଲ୍ଲିକୋଟ ବଡ଼ ଘାଟିରେ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ପେଟ ଯନ୍ତ୍ରଣାରେ ଶଙ୍କର ଆମ୍ବୁଲାନ୍ସ ଭିତରେ ଛଟପଟ ହେଉଥିବା ବେଳେ ଦୀର୍ଘ ୩ଘଣ୍ଟା ପରେ ଅନ୍ୟ ଏକ ୧୦୮ଆମ୍ବୁଲାନ୍ସରେ ତାଙ୍କୁ ବ୍ରହ୍ମପୁର ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲରେ ପହଞ୍ଚିବାର ଏକ ଘଣ୍ଟା ପୂର୍ବରୁ ଶଙ୍କରଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ମୃତ୍ୟୁଖବର ଶୁଣି ମେଡ଼ିକାଲ ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରୋଗୀସେବା ପାଇଁ ନିୟୋଜିତ ୧୦୮ଆମ୍ବୁଲାନ୍ସର ବିକଳ ଅବସ୍ଥା ନେଇ ମୃତକଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୃତକ ଶଙ୍କରଙ୍କ ଭାଇ ଶିବ ଆମ୍ବୁଲାନ୍ସ ଭିତରେ ୩ଘଣ୍ଟା ଅଟକି ରହିବାରୁ ଭାଇର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି। ମଧ୍ୟରାତ୍ରିରେ କୌଣସି ଗାଡ଼ି ନପାଇ ବାଧ ହୋଇ ଘାଟି ଉପରେ ପଡ଼ି ରହିଥିଲୁ। ୩ଘଣ୍ଟା ପରେ କୋଦଳାରୁ ଆଉ ଏକ ଆମ୍ବୁଲାନ୍ସ ଆସିବାରୁ ସେଥିରେ ବ୍ରହ୍ମପୁର ବଡ଼ ମେଡିକାଲକୁ ଆସିଥିଲୁ। କିନ୍ତୁ ସେତେବେଳକୁ ସବୁ ସରି ଯାଇଥିଲା। ସେପଟେ ଖରାପ ହୋଇଥିବା ୧୦୮ ଆମ୍ବୁଲାନ୍ସଟି ହରିଡ଼ାମୂଳ ଛକରେ ଅଟକି ଥିବା ବେଳେ ଘଟଣା ସମ୍ପର୍କରେ ଆମ୍ବୁଲାନ୍ସ କର୍ମଚାରୀ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।



ଅନ୍ୟ ଆମ୍ବୁଲାନ୍ସ ପହଞ୍ଚିବାରେ ୩ଘଣ୍ଟା ବିଳମ୍ବ

ଚିଲଡ୍ରେନ୍ ହୋମ୍‌ରେ ପ୍ରଶାସନର ତଦନ୍ତ

## ହଷ୍ଟେଲ ବନ୍ଦ କରିବାକୁ ଗ୍ରାମବାସୀଙ୍କ ଦାବି



ପାରଳାଖେମୁଣ୍ଡି,୪।୭(ସମିସ): ଗୋଷାଣି ବ୍ଲକ ଆମ୍ବାଝରି ମେଟୁ ଗ୍ରାମରେ ପ୍ରଶାସନ ଓ ଜନସାଧାରଣ ଆଜି ମୁହାଁମୁହିଁ ହୋଇଥିଲେ। ଗ୍ରାମରେ ରହିଥିବା ନ୍ୟୁ ହୋପ୍ ଚିଲ୍‌ଡ୍ରେନ୍ ହୋମ୍ ନାମକ ଏକ ଛାତ୍ରୀନିବାସକୁ ନେଇ ଗତ କିଛିବର୍ଷ ହେବ ଆରମ୍ଭ ହୋଇଥିବା ବିରୋଧ ଆଜି ଉଗ୍ର ରୂପ ନେଇଥିଲା। ଦୀର୍ଘ ଦିନରୁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରସ୍ତରରେ ଏହି ଛାତ୍ରୀ ନିବାସକୁ ନେଇ ବହୁ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଜଣାପଡିଛି। ଉକ୍ତ ଛାତ୍ରୀନିବାସୀ ଯେଉଁ ସ୍ଥାନରେ ରହିଛି ତାହା ବେଆଇନ ଭାବେ ନିର୍ମାଣ କରାଯାଇଛି ଏବଂ ଯେଉଁ ସଂସ୍ଥା ବା ଟ୍ରଷ୍ଟ ଦ୍ୱାରା ସ୍ଥାପନ ହୋଇଛି ସେବେ ଠାରୁ ଅଞ୍ଚଳରେ ଅଶାନ୍ତି ସୃଷ୍ଟି କରୁଛି ବୋଲି ଗ୍ରାମବାସୀ ଦାନିଏଲ୍ ଶବର କହିଛନ୍ତି। ଏହା ସହ ବ୍ୟାପକ ଅନିୟମିତା ମଧ୍ୟରେ ଚାଲୁଥିବାକୁ ଅଭିଯୋଗ ହୋଇଛି। ଗତ ମାସ ୧୬ ତାରିଖରେ ଏହି ଛାତ୍ରୀନିବାସର ଅନିୟମିତା ସମ୍ପର୍କରେ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ଆଜି ଏନସିପିସିଆର୍‌ଙ୍କ ନିର୍ଦ୍ଦେଶନାମାନୁସାରେ ପ୍ରଶାସନର ଦୁଇ ଜଣିଆ ଦଳ ଗାରାବନ୍ଧ ପୁଲିସ ସହ ଆମ୍ବାଝରି ମେଟୁ ଗ୍ରାମରେ ତଦନ୍ତ ପାଇଁ ପହଞ୍ଚିଥିଲେ। ଉକ୍ତ ଛାତ୍ରୀ ନିବାସକୁ ବନ୍ଦ କରିବାପାଇଁ ଗ୍ରାମବାସୀ ଅଡ଼ିବସିବା ସହ ତଦନ୍ତକାରୀ ଦଳ ଓ ପୁଲିସ୍ ସହ ମୁହାଁମୁହିଁ ହୋଇଥିଲେ। ଛାତ୍ରୀନିବାସ ଏକ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେଉଥିବା ବେଳେ ବ୍ୟାପକ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉତ୍ତେଜନା ପରିସ୍ଥିତି ମଧ୍ୟରେ ତଦନ୍ତକାରୀ ଦଳ ବହୁ ସମୟ ଧରି ବିଭିନ୍ନ ନଥିପତ୍ରର ଯାଞ୍ଚ କରିବା ସହ ହୋଇଥିବା ଅଭିଯୋଗର ଯାଞ୍ଚ କରିଥିଲେ। ଦୁଇ ଜଣିଆ ତଦନ୍ତକାରୀ ଦଳରେ ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅଧିକାରୀ ଅରୁଣ କୁମାର ତ୍ରିପାଠୀ ରହିଥିଲେ। ଜିଲ୍ଲାପାଳଙ୍କ ଦୃଷ୍ଟିକୁ ନିଆଯିବ, ଜିଲ୍ଲାପାଳ ଯାହା ନିର୍ଦ୍ଦେଶ ଦେବେ ତାହା ଅନୁପାଳନ କରାଯିବ ବୋଲି କହିଥିଲେ। କିନ୍ତୁ ଉକ୍ତ ହଷ୍ଟେଲ କର୍ତ୍ତୃପକ୍ଷ ସବୁ ଠିକ୍‌ଠାକ୍ ଚାଲିଛି ଓ ଗରୀବ ପିଲାଙ୍କୁ ଶିକ୍ଷାପାଇଁ ଏହି ଛାତ୍ରୀନୀବାସ ଚାଲିଛି ବୋଲି କହିଛନ୍ତି। କିନ୍ତୁ ଗ୍ରାମବାସୀ ତଦନ୍ତ ପରେ ଉକ୍ତ ଛାତ୍ରୀନିବାସ ବନ୍ଦ ନହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କହିଛନ୍ତି। ଏହି ହଷ୍ଟେଲରେ ବର୍ତ୍ତମାନ ୪୩ ଜଣ ଅନ୍ତେବାସୀ ରହି ନିକଟସ୍ଥ ଆମ୍ବାଝରୀ ମେଟୁ ଓ ତାଳସିଂ ଠାରେ ଥିବା ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

## ମାଲକାନଗିରିରେ ଟିପିଏସ୍‌ଓଡିଏଲ୍ ଗ୍ରାହକସେବା କେନ୍ଦ୍ର ଉଦ୍‌ଘାଟିତ



ବ୍ରହ୍ମପୁର,୪।୭(ସମିସ): ବିଦ୍ୟୁତ ସେବାକୁ ଗ୍ରାହକ କୈନ୍ଦ୍ରିକ କରିବା ଉଦ୍ଦେଶ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ମାଲକାନଗିରିରେ ଏକ ନୂତନ ଗ୍ରାହକସେବା କେନ୍ଦ୍ର (ସିଆରସି) ଉଦଘାଟିତ ହୋଇଯାଇଛି। ଏହାଦ୍ୱାରା ମାଲକାନଗିରି ଜିଲ୍ଲାର ଉପଭୋକ୍ତାମାନେ ଗୁଣାତ୍ମକ ସେବା ପାଇପାରିବେ। କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ନୂତନ ସିଆରସିକୁ ଉଦଘାଟନ କରିଥିଲେ। ଏଥିରେ ବିଲିଂ କାଉଣ୍ଟର, ଅଭିଯୋଗ ପ୍ରତିକାର କାଉଣ୍ଟର ଏବଂ ଉପଭୋକ୍ତାଙ୍କ ପାଇଁ ସମସ୍ତ ମୌଳିକ ସୁବିଧା ରହିଛି। ଏହି ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି "ମାଲକାନଗିରି ଏକ ସଂସ୍କୃତି ସମୃଦ୍ଧ ଜିଲ୍ଲା, ଏଠାକାର ବାସିନ୍ଦାଙ୍କ ଜୀବନଶୈଳୀକୁ ଉନ୍ନତ କରିବାକୁ ସେମାନଙ୍କ ନିକଟରେ ଗ୍ରାହକସେବା ପହଞ୍ଚାଇବା ଆମର ଲକ୍ଷ୍ୟ। ଏହି ନୂତନ ସିଆରସି ପ୍ରାୟ ୫,୭୦୦ବର୍ଗ କିମି ପରିବ୍ୟାପ୍ତ ଅଞ୍ଚଳରେ ୧ଲକ୍ଷ ୧୬ହଜାରରୁ ଉଦ୍ଧ୍ୱର୍ ଉପଭୋକ୍ତାଙ୍କୁ ସେବା ଯୋଗାଇବ। ବାଲିମେଳା, କାଳିମେଳା, ମାଥିଲି ଏବଂ ସୀମାନ୍ତ ମୋଟୁ ଅଞ୍ଚଳରେ ଗୁଣାତ୍ମକ ଗ୍ରାହକ ସେବା ମିଳିପାରିବ। ଏହା ଟିପିଏସ୍‌ଓଡିଏଲର ୭ମ ଗ୍ରାହକ ସେବା କେନ୍ଦ୍ର। ପୂର୍ବରୁ ବ୍ରହ୍ମପୁର(ସମ୍ପୂର୍ଣ୍ଣ ଭାବେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ), ରାୟଗଡ଼ା, ପାରଳାଖେମୁଣ୍ଡି, ଜୟପୁର, ଆସିକା ଏବଂ ହିଞ୍ଜିଳିକାଟୁରେ ଗ୍ରାହକସେବା କେନ୍ଦ୍ର କାର୍ଯ୍ୟକ୍ଷମ ଅଛି। ସମଗ୍ର ଦକ୍ଷିଣଓଡିଶାରେ ସମାବେଶୀ ତଥା ଗୋଷ୍ଠୀ କୈନ୍ଦ୍ରିକ ବିଦ୍ୟୁତ ସେବା ଯୋଗାଇବା ନେଇ ଟିପିଏସ୍‌ଓଡିଏଲର ମିଶନରେ ଏହା ସହାୟକ ହେଉଛି।

- ଜିଲ୍ଲାର ୧.୧୬ଲକ୍ଷରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ସେବା ଯୋଗାଇବ ନୂତନ ସିଆର୍‌ସି
- ବିଲିଂ, ଅଭିଯୋଗ ପ୍ରତିକାର ଏବଂ ଡିଜିଟାଲ ସହାୟତା ସେବା ଉପଲବ୍ଧ
- ଦକ୍ଷିଣଓଡିଶାରେ ଟିପିଏସ୍‌ଓଡିଏଲର ୭ମ ଗ୍ରାହକସେବା କେନ୍ଦ୍ର

## କୁନି ଝିଅର ଫଟୋ ବ୍ୟବହାର କରି ଟଙ୍କା ଆଦାୟ

- ଅଭିଯୁକ୍ତଙ୍କୁ ଧରି ଥାନାରେ ଜିମା ଦେଲେ ପରିବାର ଲୋକ

ଛତ୍ରପୁର,୪।୭(ସମିସ): ଦୁଇଟି କିଡ୍‌ନୀ ହରାଇ ଜୀବନ ସହ ସଂଗ୍ରାମ କରୁଛନ୍ତି ୪ ବର୍ଷର କୁନି ଝିଅ ଅନୁଷ୍କା। ମାତ୍ର କିଛି ଅସାଧୁ ବ୍ୟକ୍ତି ଝିଅର ଫଟୋ ବ୍ୟବାହର କରି ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଟଙ୍କା ମାଗୁଛନ୍ତି। ଏନେଇ କୁନି ଝିଅର ମାମୁଁ ସିଏଚ୍.ବିଜୟ କୁମାର ରେଡି ଛତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ଯେଉଁ ଦୁଇ ଜଣ ଏହିପରି କାଣ୍ଡ ଘଟାଇଛନ୍ତି ସେମାନଙ୍କୁ ଧରି ପୁଲିସକୁ ଜିମା ମଧ୍ୟ ଦେଇଛନ୍ତି। ଦୁଇ ଜଣ ଯୁବକ ତାଙ୍କ ଭାଣିଜୀର ଫଟୋ ବ୍ୟବହାର କରି ବିଭିନ୍ନ ସ୍ଥାନରୁ ଟଙ୍କା ମାଗୁଥିବା ନେଇ ପରିବାର ଲୋକ ଜାଣିବାକୁ ପାଇଥିଲେ। ଟଙ୍କା ସଂଗ୍ରହ କରି ଏହି ୨ଜଣ ଅୟସ କରୁଥିଲେ କିନ୍ତୁ କୁନି ଝିଅର ପରିବାରକୁ ଟଙ୍କାଟିଏ ମଧ୍ୟ ଦେଇନଥିଲେ। ପରିବାର ସଦସ୍ୟ ଜାଣିବାପରେ ଝିଅର ମାମୁଁ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି କୁନି ଝିଅର ପରିବାର ସଦସ୍ୟ। ସୂଚନା ଥାଉକି, ଛତ୍ରପୁର ବ୍ଲକ ଚମାଖଣ୍ଡି ଅଞ୍ଚଳର ଏନ୍.କିଷ୍ଟା ରେଡି ଓ ଉର୍ମିଳା ରେଡିଙ୍କ ଝିଅ ଅନୁଷ୍କାର ଦୁଇଟି ଯାକ କିଡ୍‌ନୀ ଖରାପ ଥିବାରୁ ପ୍ରତ୍ୟାରୋପଣ ପାଇଁ ଆବଶ୍ୟକ ୩୦ ଲକ୍ଷ ଟଙ୍କା। ବାପା ଜଣେ ଟ୍ୟାକ୍ସି ଚାଳକ ହୋଇଥିବାରୁ ଝିଅର ଚିକିତ୍ସା ପାଇଁ ଟଙ୍କା ନାହିଁ। ଆର୍ଥିକ ସହାୟତା ପାଇଁ ପରିବାର ବର୍ଗ ସମସ୍ତଙ୍କୁ ନିବେଦନ କରିଥିବା ବେଳେ ଏହାର ସୁଯୋଗ ନେଇଥିଲେ କିଛି ଖଳ ପ୍ରକୃତିର ଲୋକ।

ମୁନିସିପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ର

## ଆରମ୍ଭ ହେଲା ପରିବାର ନିୟୋଜନ ଅସ୍ତ୍ରୋପଚାର



ଛତ୍ରପୁର,୪।୭(ସମିସ): ଛତପୁର ବ୍ଲକ ଅନ୍ତର୍ଗତ ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାପ୍ରୋସ୍କୋପିକ୍ ଦ୍ୱାରା ପରିବାର ନିୟୋଜନ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ଆରମ୍ଭ ହୋଇଛି।। ରାଜ୍ୟସ୍ତରୀୟ ଡ଼ାକ୍ତର ଟିମ ସହ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ା ସ୍ୱାଧୀନ ରଥଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଘାଟନି କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା ରେଡୀ, ଆଇନଜୀବୀ ପଦ୍ମଚରଣ ସାହୁ, ପୂର୍ବତନ ସମିତି ସଭ୍ୟ ଏନ୍ ଦୁର୍ଯ୍ୟୋଧନ ରେଡୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ.କିଶୋର ରେଡ଼ୀ, ଯୁବ ନେତା ବାନୋଜ ନାହାକ, ପ୍ରତାପ ସେନାପତି ଯୋଗଦେଇ ଥିଲେ। ଡାକ୍ତର ମୁକ୍ତିକାନ୍ତ ନାୟକ ଅସ୍ତ୍ରୋପଚାର କରିଥିଲେ। ୬୦ରୁ ଉର୍ଦ୍ଧ୍ୱ ଅସ୍ତ୍ରୋପଚାର ନିମନ୍ତେ ପଞ୍ଜୀକୃତ କରିଥିଲେ। ପୋଟଲାମପୁର୍ ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ, ବିପିଏମ୍ ସୀମାଞ୍ଚଳ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହୋମିଓପାଥିକ କଲେଜରୁ ଚୋରି

ବ୍ରହ୍ମପୁର,୪।୭(ସମିସ): ସ୍ଥାନୀୟ ସିଟି ହସ୍ପିଟାଲ ରୋଡ଼ ନିକଟରେ ଥିବା ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍‌ପିଟାଲରୁ ଚୋରି ହୋଇଛି। ଜଣେ ଦୁର୍ବୃତ୍ତ ରାତି ଅଧରେ ଏହି ମେଡିକାଲ କଲେଜର ପଶି ବାଥ୍‌ରୁମର ପାଇପ ଫିଟିଙ୍ଗ ଓ ସିସିଟିଭି କ୍ୟାମେରା ଚୋରିକରିନେଇଛି। ଏନେଇ କଲେଜର ଅଧ୍ୟକ୍ଷା ଡା. ଗୀତାଞ୍ଜଳୀ ପଟ୍ଟନାୟକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ବାବାଜୀତୋଟା ସାହିର ସୁଧୀର ଦାସ ନାମକ ଜଣେ ବ୍ୟକ୍ତି ଉପରୋକ୍ତ ସାମଗ୍ରୀ ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି ବୋଲି ଅଧ୍ୟକ୍ଷା ପୁଲିସକୁ ସୂଚନା ଦେଇଛନ୍ତି।

## ଜିଲ୍ଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ




ଛତ୍ରପୁର,୪।୭(ସମିସ): ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ବ୍ୟାଙ୍କ ସମୂହ ପକ୍ଷରୁ ଅର୍ଥ ପରାମର୍ଶଦାତା କମିଟି ବୈଠକ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ସାଂସଦ ଅନୀତା ଶୁଭ ଦର୍ଶନୀ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକରୁ ଲୋକମାନେ କିପରି ଉପଯୁକ୍ତ ଲାଭ ପାଇବେ ଏବଂ ସେମାନଙ୍କୁ ସଠିକ ସେବା ଯୋଗାଇବା ନିମନ୍ତେ ବ୍ୟାଙ୍କ ଗୁଡିକର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ଶିକ୍ଷା ଋଣ ବିଷୟରେ କଲେଜ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟସ୍ତରରେ ବ୍ୟାପକ ସଚେତନତା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ଜିଲ୍ଲାର ସର୍ବମୋଟ ୩୨ଟି ବ୍ୟାଙ୍କ ସହ ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୪୪୩ଟି ଶାଖା ରହିଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ସମସ୍ତ ବ୍ୟାଙ୍କର ମୋଟ ୩୩୦୦୫ କୋଟି ଟଙ୍କା ଜମା ସଂଗ୍ରହ କରାଯାଇଥିବା ବେଳେ ମୋଟ ୨୦୯୪୨ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଯାହାଦ୍ୱାରା ଋଣ ଓ ଜମାର ଅନୁପାତ ଶତକଡା ୬୩: ୪୫ ହୋଇଛି। ଗତ ଆର୍ଥିକବର୍ଷ ୨୦୨୪-୨୫ ମାର୍ଚ୍ଚ ୨୦୨୫ ସୁଦ୍ଧା କୃଷି କ୍ଷେତ୍ରରେ ୧୨୧ ପ୍ରତିଶତ, ଛୋଟ, କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଶିଳ୍ପ କ୍ଷେତ୍ରରେ ୯୦ ପ୍ରତିଶତ, ଶିକ୍ଷା କ୍ଷେତ୍ରରେ ୯୧ ପ୍ରତିଶତ ଓ ଅନ୍ୟାନ୍ୟ କ୍ଷେତ୍ରରେ ୯୧ ପ୍ରତିଶତ ଋଣ ପ୍ରଦାନ କରାଯାଇଛି। ଏହା ସାଙ୍ଗକୁ ବ୍ୟାଙ୍କ ମାନଙ୍କ ଦ୍ୱାରା ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ମାନଙ୍କୁ ଋଣ ପ୍ରଦାନ କରାଯାଇଛି। ଜିଲ୍ଲା ପାଇଁ ଚଳିତ ଆର୍ଥିକ ବର୍ଷ ପାଇଁ ସର୍ବ ମୋଟ ୧୬୬୫୯.୪୨ କୋଟି ଟଙ୍କାର ବ୍ୟାଙ୍କ ମାନଙ୍କ ଦ୍ୱାରା ଋଣ ପ୍ରଦାନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କୃଷିକୁ ପ୍ରାଧାନ୍ୟ ଦିଆଯାଇ ୭୧୪୯ କୋଟି, କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଶିଳ୍ପ କ୍ଷେତ୍ରରେ ୭୮୧୨ କୋଟି ଏବଂ ଅନ୍ୟାନ୍ୟ ପ୍ରାଥମିକତା କ୍ଷେତ୍ରରେ ୧୬୯୮ କୋଟି ଏବଂ ଅଣ ପ୍ରାଥମିକତା କ୍ଷେତ୍ରରେ ୩୭୫୦ କୋଟି ଋଣ ପ୍ରଦାନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ୟୁନିୟନ ବ୍ୟାଙ୍କର ରିଜଓନାଲ ହେଡ଼ ରଜତ କୁମାର ପଣ୍ଡା, ଆରବିଆଇ ଭୁବନେଶ୍ୱରର ରାହୁଲ କାନ୍ତ, ନର୍ବାଡ଼ର ଡିଡିଏମ ସଂଜୀବ ମିଶ୍ର, ଇଣ୍ଡିଆନ ଓଭରସିସ ବ୍ୟାଙ୍କ ଆଏମ ଖୁର୍ସିଦ ଆବାନୀ ଓ ଏଲଡିଏମ ହିମାଞ୍ଚଳ ସାହୁଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ୩୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା, ଟଙ୍କା ଠକି ଦମ୍ପତି ଫେରାର

ପାରଳାଖେମୁଣ୍ଡି,୪।୭(ସମିସ)



୪ମାସ ହେଲା ପଡୁନାହାନ୍ତି ପୁଲିସ ଜାଲରେ

ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ସହ ବହୁ ଲୋକଙ୍କୁ ଚୁନ ଲଗାଇ ଛୁ' ମାରିଛନ୍ତି ଦମ୍ପତି। ପ୍ରଥମେ ଋଣ ନେବାରେ ସହାୟତା କରି ଉଦ୍ଦେଶ୍ୟ ପୂରଣ ପରେ ଏକାଧିକ ସ୍ୱୟଂ ସହାୟିକା ଗୋଷ୍ଠୀ ନାମରେ ଋଣ ଉଠାଇ ସମସ୍ତ ଟଙ୍କା ଠକି ନେଲେ। ଏପରିକି ବିଶ୍ୱାସ ଜନ୍ମାଇ ଅନେକଙ୍କ ଠାରୁ ସୁନାଗହଣା ନେଇ ମହିଳାଙ୍କ ଉପରେ ଋଣବୋଝ ଲଦି ଦେଇ ପଳାଇଛନ୍ତି। ଏବେ ଋଣ କେମିତି ସୁଝିବେ ଚିନ୍ତାରେ ମହିଳା। ସହଯୋଗ ପାଇଁ ବାର ଦୁଆର ହେଉଛନ୍ତି ଠକାମୀର ଶିକାର ହୋଇଥିବା ମହିଳା। ପାରଳାଖେମୁଣ୍ଡି ଦୋଳଟାଙ୍ଗି ରୋଡ଼ର ଝିଲି ସାହୁ, ସ୍ୱାମୀ ଉଦୟନାଥ ସାହୁ ଓ ତାଙ୍କ ପରିବାରର ଦିନେଶ ସାହୁ ଓ ଖୁସି ସାହୁ ନାମରେ ହୋଇଛି ଏଭଳି ସାଂଘାତିକ ଅଭିଯୋଗ।

ଅଭିଯୋଗ ପ୍ରକାରେ ସୁଚିନ୍ତିତ ଚକ୍ରାନ୍ତ କରି ଏକ ପ୍ରାଇଭେଟ୍ ଲୋନ ସେଣ୍ଟର ଖୋଲିଥିଲେ ଝିଲି ସାହୁ ଓ ତାଙ୍କ ସ୍ୱାମୀ। ବିଭିନ୍ନ ବ୍ୟାଙ୍କ ସହ ଭଲ ସମ୍ପର୍କ ଅଛି ସହଜରେ ଋଣ କରାଇଦେବେ କହି ପ୍ରଥମେ ଛୋଟମୋଟ କାରବାର କରି ବିଶ୍ୱାସଭାଜନ ହେବା ପରେ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଅନେକଙ୍କ ନାମରେ ଋଣ କରି ୧ କୋଟି ୩୮ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଠକାମୀର ଶିକାର ହୋଇଥିବା ମହିଳାଙ୍କ ତାଲିକା ଲମ୍ବା। ଏହା ଛଡ଼ା ଏହି ମାୟାବୀ ମହିଳାଙ୍କ ଜାଲରେ ଫସି ସର୍ବସ୍ୱାନ୍ତ ହୋଇଛନ୍ତି ଅନେକ ସରକାରୀ କର୍ମଚାରୀ, ବ୍ୟବସାୟୀ ଓ ରାଜନେତା। ସେମାନଙ୍କ ଠାରୁ ଠକି ନେଇଥିବା ଅର୍ଥର ପରିମାଣ ପ୍ରାୟ ୩୦ କୋଟିରୁ ଅଧିକ ହେବ ବୋଲି କୁହାଯାଉଛି। ଝିଲି ସାହୁଙ୍କ ନାମରେ ଥାନାରେ ଏତଲା ଦିଆଯିବାର ଆଜିକୁ ୪ ମାସ ହେଲାଣି, କିନ୍ତୁ ଏଯାଏଁ ପୁଲିସ ପତ୍ତା ପାଉନି। ଇତିମଧ୍ୟରେ ହାଇକୋର୍ଟରେ ସ୍ୱାମୀ-ସ୍ତ୍ରୀ ଓ ଦୁଇ ସନ୍ତାନଙ୍କ ନାମରେ ଆଗୁଆ ଜାମିନ ଆବେଦନ କରିଥିବା ବେଳେ ସ୍ୱାମୀ-ସ୍ତ୍ରୀର ଜାମିନ ନାମଞ୍ଜୁର କରିଛନ୍ତି ଏବଂ ପରିବାରର ଅନ୍ୟ ଦୁଇ ଜଣଙ୍କୁ ତଦନ୍ତରେ ପୁଲିସକୁ ସହଯୋଗ କରିବାକୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି କୋର୍ଟ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି। ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇ ନିରାଶ ହୋଇପଡ଼ିଥିବା ବେଳେ ବ୍ୟାଙ୍କର ଚାପରେ ଚିନ୍ତାଗ୍ରସ୍ତ ଓ ଠକାମୀର ଶିକାର ହୋଇଥିବା ରୁକୁଣା ପ୍ରଧାନ, ସଙ୍ଗୀତା ନାୟକ, ଜ୍ୟୋସ୍ନା ମିଶ୍ର, ଅନିମିତା ପାତ୍ରୀଙ୍କ ସହ ବହୁ ମହିଳା ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ସ୍ୱତନ୍ତ୍ର ଟିମ ଗଠନ କରି ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ଘରେ ଚଢ଼ଉ କରାଯାଉଛି। ନିକଟତମ ସମ୍ପର୍କୀୟଙ୍କ ଉପରେ ନଜର ରଖିଛି ପୁଲିସ୍। ଅଭିଯୁକ୍ତଙ୍କ ସମ୍ପତ୍ତି ଓ ଅର୍ଥନୈତିକ କାରବାର ନେଇ ଯାଞ୍ଚ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ପୁଲିସ ହେପାଜତକୁ ନେବ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା କହିଛନ୍ତି।

